## ସଂକ୍ଷେପରେ

### ଦିବ୍ୟାଙ୍ଗଙ୍କ ଘର ଭାଙ୍ଗିଦେଲେ ମହିଳା

**ମହାକାଳପଡ଼ା, ୨୭।୯ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ତନ୍ତିଆପାଳ ମେରାଇନ୍ ଥାନା ଅଧୀନ ମାଳିଅଞ୍ଚ ଗ୍ରାମ ଦଳିତସାହିର ଦିବ୍ୟାଙ୍ଗ ଗନି ମଲ୍ଲିକଙ୍କ ସାମତ ଆଉ ୨ ଦଳିତ ପରିବାର ଘର ସ୍ଥାନୀୟ କେତେଜଣ ମହିଳା ଭାଙ୍ଗି ଦେଇଛନ୍ତି। ପୂର୍ବ ଶତ୍ରୁତାର ଏଭଳି କାଣ୍ଡ ଘଟିଥିବା ଜଣାପଡ଼ିଛି। ଏ ନେଇ ଗନି କୁହନ୍ତି, ସେ ୬୦ବର୍ଷ ହେବ ଏହି ଅନାବଦୀ ଜମି ଉପରେ ଘର କରି ରହିଆସୁଛନ୍ତି। ହେଲେ ଗ୍ରାମର କେତେଜଣ କଳହ ପ୍ରକୃତିର ଲୋକ ତାଙ୍କ ଘର ଭାଙ୍ଗି ଦେବା ତାଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର କରିଛନ୍ତି। ହେଲେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

■ କେନ୍ଦ୍ରାପଡ଼ା ସହରକୁ ପୂରିବ ୧୫୦ ବର୍ଷ

### ୭ଦିନ ଧରି ପୂର୍ତ୍ତି ଉତ୍ସବ ପାଳନ କରାଯିବ: ମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** ୧୮୬୯ରେ ସ୍ଥାପିତ ଓଡ଼ିଶାର ସର୍ବପୁରାତନ କେନ୍ଦ୍ରାପଡ଼ା ପୌରପରିଷଦ ଆଗାମୀ ବର୍ଷ ୧୫୦ତମ ବାର୍ଷିକୀ ପାଳନ କରିବ। ଏହି ଅବସରରେ କେନ୍ଦ୍ରାପଡ଼ାର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେଇ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ଲୋକସେବା ଭବନଠାରେ ଏକ ବୈଠକରେ ଅଧକ୍ଷତା କରି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଦୃଢ଼ୀକରଣ କରିବା ସହ ଏଲ୍ଇଡି ମାଧମରେ ସମଗ୍ର ସହରର ରାସ୍ତା ଆଲୋକୀକରଣ, ନୂତନ ବସ୍ଷ୍ଟାଣ୍ଡ, ସ୍ମାର୍ଟପାର୍କ, ପୌର ପରିଷଦର ନୂତନ କାର୍ଯ୍ୟାଳୟ ଏବଂ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ପ୍ରତ୍ୟେକଙ୍କ ଘରକୁ ପାଇପ୍ ସଂଯୋଗ କରାଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏହାସହ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅନ୍ୟ ବିଭାଗ ସହିତ କିପରି ସମନ୍ୱୟ ରକ୍ଷା କରାଯାଇ କେନ୍ଦ୍ରାପଡ଼ା ସହରର ବିକାଶ କରାଯାଇପାରିବ ସେ ନେଇ ସ୍ୱତନ୍ତ୍ର ବୈଠକ ଡକାଇବାକୁ ନିଷ୍ପତ୍ତି ହୋଇଛି। ଏହାସହ କେନ୍ଦ୍ରାପଡ଼ା ପୌର ପରିଷଦର ୧୫୦ତମ ପୂର୍ତ୍ତି ଉତ୍ସବ ୭ଦିନ ପର୍ଯ୍ୟନ୍ତ ପାଳନ କରାଯିବ।

### ପାଇପ ଜଳ କର୍ମଚାରୀ ସଂଘ ବୈଠକ

**କେନ୍ଦ୍ରାପଡା ଅଫିସ, ୨୭।୯:** ସହରର ଗରାପୁରସ୍ଥ କାଳୀ ମନ୍ଦିର ପରିସରରେ ଓଡିଶା ପାଇପ ଜଳ କର୍ମଚାରୀ ସଂଘର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଫୁଲ୍ଲ ପଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଓ ସ୍ଥାୟୀ ନିଯୁକ୍ତି ଦାବି କରି ଆସନ୍ତା ଅକ୍ଟୋବର ୨୩ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ସମ୍ପର୍କରେ ଆଲୋଚନା ହୋଇଥିଲା। ସଦସ୍ୟମାନେ ବୈଠକରେ ପ୍ରକାଶ କରିଥିଲେ ଯେ, ଗ୍ରାମ୍ୟ ଜଳ ଯୋଗାଣ କ୍ଷେତ୍ରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମସ୍ତଙ୍କୁ ପାନୀୟ ଜଳ ଯୋଗାଣ ପରି ମୌଳିକ ସମସ୍ୟାର ସମାଧାନ କରୁଥିବା ଏହି କର୍ମଚାରୀଙ୍କ ପ୍ରତି ରାଜ୍ୟ ସରକାର ବହୁ ଅଣଦେଖା କରିଛନ୍ତି। ୧୯୯୩ରୁ କର୍ମ ନିଯୁକ୍ତି ପାଇଥିଲେ ମଧ୍ୟ ସର୍ବନିମ୍ନ ମଜୁରି ମିଳୁନାହିଁ। ସେହିପରି ସ୍ଥାୟୀ ନିଯୁକ୍ତି ନ ଥିବାରୁ ଚାକିରୀ ଯିବା ଭୟ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଂଘ ପକ୍ଷରୁ ନବୀନ ନିବାସ ଘେରାଉ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ସମସ୍ତେ ଯୋଗ ଦେବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇ ନ ଥିଲା। ସମ୍ପାଦକ ଗଣେଶ ଚନ୍ଦ୍ର ରାଉତଙ୍କ ସମେତ ସଦସ୍ୟମାନେ ବୈଠକ ପରିଚାଳନା କରିଥିଲେ।

■ ଏଣ୍ଡର ବଙ୍ଗାଳିସାହି ଦୁର୍ଗା ପୀଠ

# ଭୋଗ ଲାଗି ହୁଏ ମାଛ ତରକାରି

**ଶାରଦୀୟ ଦୁର୍ଗାପୂଜା ଆଉ ୭ ଦିନ, ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ**



ନିର୍ମାଣାଧୀନ ଅବସ୍ଥାରେ ଏଣ୍ଡର ବଙ୍ଗାଳିସାହି ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

**ଡେରାବିଶ,୨୭।୯ (ସ୍ୱ.ପ୍ର.)**

ଆଉ ମାତ୍ର ୭ ଦିନ ପରେ ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ବିଭିନ୍ନ ଦେବୀପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ପୂଜା ପାଇଁ ଡେରାବିଶ ବ୍ଲକ ଅଧୀନ ଏଣ୍ଡର, ଛଚିଣା, ହଳଦିଆପାଟଣା, ଚାନ୍ଦୋଳ ଖରିଦାସାହି, ସମେତ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ଏଣ୍ଡର ବଙ୍ଗାଳି ସାହି ମା' ଦୁର୍ଗାଙ୍କ ପୀଠରେ ଏହି ପୂଜା ଅତି ପ୍ରାଚୀନ ହୋଇଥିବାରୁ ଡେରାବିଶ ସମେତ କେନ୍ଦ୍ରାପଡା, ଯାଜପୁର ଓ କଟକ ଜିଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏହି ପୂଜାକୁ ଅପେକ୍ଷା କରିଥାନ୍ତି। ବଙ୍ଗୀୟ ମତରେ ଓ ତନ୍ତ୍ର ଆରାଧନାର ପୀଠ ଭାବେ ପ୍ରତିଷ୍ଠିତ ଏଣ୍ଡର ବଙ୍ଗାଳିସାହି ମା'ଙ୍କ ପୀଠରେ ଅନ୍ୟ ପୂଜା ମଣ୍ଡପଠାରୁ ପୂଜାବିଧି ସଂପୂର୍ଣ୍ଣ ନିଆରା। ତେବେ ଚଳିତବର୍ଷ ପୂଜା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ପୂଜା କମିଟିର କର୍ମକର୍ତ୍ତା ଦୁର୍ଗାପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ପୀଠରେ ପୂଜାର ଏକ ବିଶେଷତ୍ୱ ରହିଛି। ଏହା ପଛରେ ଏକ କାହାଣୀ ରହିଥିବା ଲୋକଶ୍ରୁତିରୁ ଜଣାଯାଏ। ତତ୍କାଳୀନ ଆଜି ରାଜା ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର ବନମାଳୀ ବ୍ରହ୍ମା ନାମକ ଜଣେ ବ୍ରାହ୍ମଣଙ୍କୁ ନିଜ ରାଜବାଟିରେ ଥିବା ଦେବାଳୟରେ ପୂଜକ ଭାବେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ବନମାଳୀଙ୍କୁ ଡେରାବିଶ ସମେତ କିଛି ଅଞ୍ଚଳର ଜମିଦାରୀ ଭାବେ ଦାୟିତ୍ୱ ଅର୍ପଣ କରିଥିଲେ। ବନମାଳୀ ଜଣେ କାଳୀ ସାଧକ ଭାବେ ସେ ସମୟରେ ଜଣାଶୁଣା ଥିଲେ। ଗୋବରୀ ନଦୀର କୂଳରେ ଥିବା ବଣଜଙ୍ଗଲ ଘେରା ଏକ ଶ୍ମଶାନ ଯାହାକି ବନମାଳୀଙ୍କ ଇଲାକା ମଧ୍ୟରେ ଥିଲା। ଏହି ଶ୍ମଶାନରେ ସାଧକ ବନମାଳୀ ନିଜର ସାଧନା କରିବା ସମୟରେ ମା' କାଳୀଙ୍କ ସ୍ୱପ୍ନାଦେଶ କ୍ରମେ ଶରତକାଳୀନ ଦୁର୍ଗାପୂଜା ସହ ଅମାବାସ୍ୟା ତିଥିରେ କାଳୀପୂଜା ଆରମ୍ଭ କରିଥିଲେ। ଏହା ମଧ୍ୟରେ ବନମାଳୀଙ୍କ ବଂଶର ସାତପୁରୁଷ ଅତିକ୍ରମ କରି ଯାଇଛି। ମାତ୍ର ବନମାଳୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଦୁର୍ଗାପୂଜାର ଏବେ ବି ପ୍ରସିଦ୍ଧି ରହିଛି। ଏହି ପୂଜାର ବିଶେଷତ୍ୱ ହେଲା ପଣାହାଣ୍ଡି। ସପ୍ତମୀ ତିଥିରୁ ଦଶହରା ଯାଏଁ ମାଙ୍କ ନିକଟରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ମାଟିହାଣ୍ଡିରେ ପ୍ରସ୍ତୁତ ପଣା ମା'ଙ୍କୁ ଲାଗି କରାଯାଏ। ଏଥିପାଇଁ ଚାରିଦିନ ଧରି ପୀଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ। ନୂଆମାଟି ହାଣ୍ଡିରେ ଦହିରୁ ପ୍ରସ୍ତୁତ ଛେନା, କନ୍ଦ, ଗୁଡ ଓ କଦଳୀରେ ତିଆରି ପଣା ରହିଥାଏ। ପଣାଭୋଗ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଆଗ୍ରହ ପରିଲକ୍ଷିତ ହୋଇଥାଏ। ଅନ୍ୟପକ୍ଷରେ ସପ୍ତମୀ ତିଥିରୁ ଦଶହରା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ଅନ୍ନଭୋଗ ଉଷୁନା ଚାଉଳରେ ପ୍ରସ୍ତୁତ ହୋଇଥାଏ। ସୋରିଷ ତେଲରେ ତିଆରି ହୋଇଥିବା ମାଛ ତରକାରି, ଶାଗ, ଭଜା ସହ ଦହି ପଖାଳ ମା'ଙ୍କ ନିକଟରେ ଭୋଗ ଲାଗିଥାଏ। ଏଥିସହିତ ବିଭିନ୍ନ ପ୍ରକାର ପିଠା ଭୋଗ ହେବା ଏକ ପାରମ୍ପରିକ ବ୍ୟବସ୍ଥା। ତେବେ ମା'ଙ୍କ ପୂଜାର ଶେଷଦିନ ଅର୍ଥାତ୍ ଦଶହରା ପୂଜା ଶେଷ ପରେ ୩୨ ଜଣ ଗୋପାଳ ମା'ଙ୍କୁ କାନ୍ଧରେ ନେଇ ନିକଟରେ ଥିବା ଏକ ପୋଖରୀରେ ବିସର୍ଜନ କରିଥାନ୍ତି। ପରମ୍ପରା ଅନୁଯାୟୀ ଏହି ଗୋପାଳମାନଙ୍କୁ ଧୂଆଁପତ୍ର (ବର୍ତ୍ତମାନ ବିଡି) ଓ ମଣ୍ଡାପିଠା ଦିଆଯିବା ବ୍ୟବସ୍ଥା ରହିଥିବା କମିଟିର ବୟୋଜ୍ୟେଷ୍ଠ କର୍ମକର୍ତ୍ତା ହରେକୃଷ୍ଣ ଗୋସ୍ୱାମୀ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ବାପ ଘରକୁ ଆସିଥିବା ବିବାହିତ ଝିଅକୁ ଯେଉଁ ମାନ୍ୟତା ଦିଆଯାଏ ସେହି କ୍ରମରେ ମାଙ୍କୁ ଆମେ ଆମର ଝିଅ ବୋଲି ଭାବି ପୂଜା ଅର୍ଚ୍ଚନା କରିଥାଉ। ବାପଘରକୁ ଝିଅ ଆସିଲେ ବିଭିନ୍ନ ପ୍ରକାର ଗାଉଁଲି ଖାଦ୍ୟ ଯେପରି ବ୍ୟବସ୍ଥା କରାଯାଇଥାଏ ମା'ଙ୍କ ନିକଟରେ ପ୍ରଥମରୁ ସେହିଭଳି ଖାଦ୍ୟ ଭୋଗ କରାଯାଇଥାଏ। ଘରର ସମସ୍ତ ମହିଳା ଅତି ନିଷ୍ଠାର ସହ ମା'ଙ୍କୁ ବାପଘରର ଝିଅ ଭାବରେ ସ୍ୱାଗତ ଜଣାଇବା ସହ ଚାରିଦିନ ଧରି ପୂଜାରେ ଲାଗୁଥିବା ଭୋଗକୁ ପ୍ରସ୍ତୁତ କରିଥାନ୍ତି। ଦଶହରା ଦିନ ମାଙ୍କୁ ମେଲାଣି ଦେଇଥାନ୍ତି। ଏ ସଂପର୍କରେ ପୂଜକ ଦେବାଶିଷ ଚାଟାର୍ଜୀ କୁହନ୍ତି ଏହି ପୀଠ ଏକ ତନ୍ତ୍ରପୀଠ। ତେଣୁ ମା'ଙ୍କୁ ବଙ୍ଗୀୟ ମତରେ ତନ୍ତ୍ର ଆରାଧନା ସହ ପୂଜା କରାଯାଇଥାଏ। ବହୁ ଅଭାବ ଅନଟନ ମଧ୍ୟରେ ଏହି ପୂଜାକୁ କେବେ ବି ବନ୍ଦ କରାଯାଇନାହିଁ। ପୂର୍ବ ଅପେକ୍ଷା ଏବେ ପୂଜା ବହୁ ଆଡମ୍ବରରେ କରାଯାଉଛି। ତେବେ ପୂଜାରେ ପୁସ୍ତକାଚାର୍ଯ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୀତାମ୍ବର ମିଶ୍ର କୁହନ୍ତି ଆମ ଅଞ୍ଚଳର ଏହି ପୂଜାକୁ ବହୁ ଶ୍ରଦ୍ଧାଳୁ ଯେପରି ଅପେକ୍ଷା କରିଥାନ୍ତି। ବିଶ୍ୱାସ ରହିଛି ନିଜର ମାନସିକ ଏହି ମା'ଙ୍କ ପୀଠରେ ପୂରଣ ହୋଇଥାଏ। ତେଣୁ ମାନସିକଧାରୀମାନେ ମା'ଙ୍କୁ କେବଳ ପଣାରେ ସନ୍ତୁଷ୍ଟ କରିଥାନ୍ତି। ଚଳିତବର୍ଷ ଏହି ପୂଜା ଅକ୍ଟୋବର ୩ ତାରିଖରୁ ଆରମ୍ଭ ହେଉଥିବାରୁ ପୂଜାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଡେରାବିଶ ଥାନା ଓ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିବା ଏଣ୍ଡର ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂହ କହିଛନ୍ତି।

### ଆୟେଶା ଚଳଚ୍ଚିତ୍ରକୁ ବିରୋଧ

**କେନ୍ଦ୍ରାପଡା ଅଫିସ, ୨୭।୯:** ସିହା ୱାକଫ ବୋର୍ଡର ଉତ୍ତରପ୍ରଦେଶ ଅଧ୍ୟକ୍ଷ ତଥା ରିଜୱି ଫିଲ୍ମ ନିର୍ମାତା ୱାସିମ ରିଜୱିଙ୍କ ଆୟେଶା ଚଳଚ୍ଚିତ୍ରକୁ କେନ୍ଦ୍ରାପଡା ଜିଲା ସୁନ୍ନି ତନଜିମ ଉଲ ଓଲମା ପକ୍ଷରୁ ବିରୋଧ କରାଯାଇଛି। ଏଥିପାଇଁ କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଲମା ସଭାପତି ମହମ୍ମଦ ଖୁର୍ସିଦ ଅନୱାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସହରର ତନଜିମ ଇମାମ ଅହେମଦ ରାଜା, ନଜୱାନ କମିଟିର ସମସ୍ତ ସୁନ୍ନି ମୁସଲମାନ ଯୋଗ ଦେଇ ଚଳଚ୍ଚିତ୍ରର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ମହାପୁରୁଷ ମହମ୍ମଦ (ସ.ଅ.)ଙ୍କ ସ୍ତ୍ରୀ ହଜରତ ଆୟେଶା ରଜିଅଲ୍ଲା ଅନହା ମୁସଲିମ ଜାତିର ମାଆ ଭାବେ ପରିଚିତ। ତାଙ୍କ ନାମରେ ଏହି ବିକୃତ ଚଳଚ୍ଚିତ୍ର ନିର୍ମାଣକୁ ମୁସଲମାନ ସମ୍ପ୍ରଦାୟ ବରଦାସ୍ତ କରିବେ ନାହିଁ। ତୁରନ୍ତ ଚଳଚ୍ଚିତ୍ରକୁ ବନ୍ଦ ସହ ଫିଲ୍ମ ନିର୍ମାତା ରିଜୱିଙ୍କୁ ଗିରଫ ଦାବି କରାଯାଇଥିଲା। ଏଥିସହିତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସେନସର ବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କରେ ଲିଖିତ ଦାବିପତ୍ରକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ସହରର ଶତାଧିକ ମୁସଲମାନ ବ୍ୟକ୍ତି ସାମିଲ ହୋଇଥିଲେ।

## ଭାଜପା ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ



ବିଡିଓଙ୍କୁ ଭାଜପା କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଡେରାବିଶ,୨୭।୯(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଗୃହ ଓ ମୋ ଆବାସ ଯୋଜନା ନାମରେ ବିଜ୍ଞପ୍ତି ପ୍ରକାଶ କରି କେନ୍ଦ୍ର ସରକାରଙ୍କ ଅନୁଦାନକୁ ହଡପ କରିବା ପ୍ରତିବାଦରେ ଶୁକ୍ରବାର ଡେରାବିଶ ଭାଜପା ମଣ୍ଡଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାୟକଙ୍କ ନେତୃତ୍ୱରେ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ଜିଲା ସାଧାରଣ ସଂପାଦକ ସରୋଜକାନ୍ତ ନାୟକ, ହରିଅଙ୍କ ସରପଞ୍ଚ ଯୁଗଳ ମହାନ୍ତି, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ ଓ ସୁରେନ୍ଦ୍ର ମଲ୍ଲିକ, ଯୁବନେତା ଦିଲୀପ କୁମାର ଦାସ, ବସୁପୁର ସମିତି ସଭ୍ୟା ସୁନିତା ବଳ, କିଶୋର ପଣ୍ଡାଙ୍କ ସମେତ ଶତାଧିକ ଭାଜପା କର୍ମୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଗୋପବନ୍ଧୁ ଭୋ ସାଗରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଚଳିତ ବଜେଟରେ ସରକାରଙ୍କ ପକ୍ଷରୁ ବିଜୁ ପକ୍କା ଗୃହ ଯୋଜନାରେ ଟଙ୍କାଟିଏ ବରାଦ ହୋଇ ନ ଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ମୋ ଆବାସ ଯୋଜନା ନାଁରେ ଚତୁରତାର ସହ ବିଜ୍ଞାପନ ଦେବା ଦୁର୍ଭାଗ୍ୟଜନକ। ହିତାଧିକାରୀଙ୍କୁ ଦିଆଯାଉଥିବା କାର୍ଯ୍ୟାଦେଶରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉଲ୍ଲେଖ ରଖିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳଙ୍କୁ ଭାଜପା ମଣ୍ଡଳ ପକ୍ଷରୁ ନିବେଦନ କରାଯାଇଛି।

### କଷଣଅଣ୍ଟାରେ ଆଇନ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୨୭।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସହାୟତା ସମିତି ପକ୍ଷରୁ ସ୍ଥାନୀୟ କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲଠାରେ ଶୁକ୍ରବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପଟ୍ଟାମୁଣ୍ଡାଇ କୋର୍ଟ ସିନିୟର ସିଭିଲ୍ ଜଜ୍ ତଥା ତାଲୁକ ଆଇନ୍ ସେବା ସମିତି ଅଧକ୍ଷ ହରପ୍ରସାଦ ପାଢ଼ୀ ଅଧକ୍ଷତା କରିଥିଲେ। ଏହି ଅବସରରେ ସିଭିଲ୍ ଜଜ୍ ପାଢୀ କହିଥିଲେ, ପ୍ରତ୍ୟେକ ନାଗରିକ ଦେଶରେ ପ୍ରଚଳିତ ଆଇନ ବ୍ୟବସ୍ଥା ଓ ସମ୍ବିଧାନ ସମ୍ପର୍କରେ ଜାଣିବାର ଅଧିକାର ରହିଛି। ଭାରତୀୟ ସମ୍ବିଧାନର ସିଭିଲ୍ କୋଡ୍, କ୍ରିମିନାଲ୍ ପ୍ରୋସିଜିୟୋର୍ କୋଡ୍, ଭାରତୀୟ ପିଙ୍ଗଳ କୋଡ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଲୋକ ଅଦାଲତ ଓ ତାଲୁକ ସେବା ସମିତି ପରାମର୍ଶ ନେଇ ବହୁ ଦିନ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ଶୁଣାଣି କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲ୍ଭି ପ୍ରଫୁଲ୍ଲ କୁମାର ଦାଶ, ଧବଳେଶ୍ୱର ଖଣ୍ଡାୟୀ, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଶ୍ରୀଧର ରାଉତ, ପ୍ରଧାନ ଶିକ୍ଷକ ଜୟନ୍ତ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଏସ୍ଏଚ୍ଜି ସଦସ୍ୟା ଜିଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦ୍ରାପଡା ଅଫିସ, ୨୭।୯**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ।

ମାର୍ଶାଘାଇ ଓ ମହାକାଳପଡାର ଏସଏସଜି ସଦସ୍ୟାମାନେ ଚିଟଫଣ୍ଡ ଠକେଇର ଶିକାର ହୋଇଛନ୍ତି। ଭାରତ ଫାଇନାନସିଆଲ, ଆରୋହଣ, ଏଲ ଏଣ୍ଡ ଟି ଫାଇନାନ୍ସ, ସମସ୍ତା, ସ୍ପନ୍ଦନା ପରି ମାଇକ୍ରୋଫାଇନାନ୍ସ କମ୍ପାନୀ ଏହି ମହିଳା ସଦସ୍ୟାଙ୍କ କଷ୍ଟ ଲବ୍ଧ ଅର୍ଥ ଚଳୁ କରି ଏବେ ଧରାଛୁଆଁ ଦେଉ ନାହାନ୍ତି। ଫଳରେ ଚିଟ୍ଫଣ୍ଡ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଏକ ଦାବିପତ୍ର ଦେବା ସହ ଚିଟଫଣ୍ଡ ଆର୍ଥିକ ସଂସ୍ଥା ଦ୍ୱାରା ଶୋଷଣ ପ୍ରତିରୋଧ ମହିଳା ସଂଘର୍ଷ ସମିତି ସଭାପତି ଯଶୋଦା ଭୂୟା କହିଛନ୍ତି ଯେ, ଠକସଂସ୍ଥାର କଥାର ଭେଳିକିରେ ସେମାନେ ଠକେଇର ଶିକାର ହୋଇଛନ୍ତି। ଏହି ସଂସ୍ଥାର କର୍ମଚାରୀ ମହିଳା ସଦସ୍ୟାଙ୍କୁ ଋଣ କରି ଦେବା ନାମରେ ଅର୍ଥ ଚଳୁ କରିଛନ୍ତି। ମହିଳାଙ୍କ ଠାରୁ ନେଇଥିବା ଦସ୍ତଖତରେ ସେମାନେ ଟଙ୍କା ଉଠାଇ ନେଇ ଯାଇଥିଲେ ମଧ୍ୟ ମହିଳା ସଦସ୍ୟାଙ୍କ ନାମରେ ଋଣ ନେଇଥିବା ଦର୍ଶାଇ ନୋଟିସ ପଠାଇଛନ୍ତି। ଏନେଇ ଥାନାରେ ଅଭିଯୋଗପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ଠକ ସଂସ୍ଥାର ସମସ୍ତ କଳା କାରନାମା ପଦାକୁ ଆସିବା ସହ ମହିଳା ସଦସ୍ୟାମାନେ ଲଗାଣ ଅର୍ଥ ଫେରି ପାଇବାରେ ସମର୍ଥ ହେବ। ଜିଲାପାଳଙ୍କ ମାଧ୍ୟମରେ ଏହି ଘଟଣାର ସମାଧାନ ପାଇଁ ଦାବିପତ୍ର ଦିଆ ଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସମିତି ସମ୍ପାଦିକା ସସ୍ମିତା ପରିଡା, କର୍ମକର୍ତ୍ତା ସଚ୍ଚିପ୍ରଭା ରାଉତ, ଶୈଳବାଳା ବେହେରା, ମମତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ

## ପ୍ରସ୍ତାବିତ ମଦ ଦୋକାନ ବନ୍ଦ ଦାବି

**ପଟ୍ଟାମୁଣ୍ଡାଇ, ୨୭।୯ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପୌର ପରିଷଦ କଷଣଅଣ୍ଟାଠାରେ ଏକ ସରକାରୀ ମଦ ଦୋକାନ ଖୋଲିବା ପାଇଁ ଯୋଜନା ହେଉଥିବା ବେଳେ ଜିଲାପାଳଙ୍କ ଅନୁମତି ପାଇଁ ଗତ ୨୪ ତାରିଖରେ ଅବକାରୀ ବିଭାଗ ଯୁଗ୍ମ ସଚିବ ଜିଲାପାଳଙ୍କୁ ଚିଠି କରିଛନ୍ତି। ମାତ୍ର ଏହି ସ୍ଥାନର ଆଖପାଖରେ ସ୍କୁଲ, ମନ୍ଦିର ଓ ଖେଳ ପଡ଼ିଆ ଆଦି ଥିବାରୁ ସ୍ଥାନୀୟ ଲୋକେ ଏହି ପ୍ରସ୍ତାବିତ ମଦ ଦୋକାନ ଖୋଲିବାକୁ ବିରୋଧ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ମଦ ଦୋକାନ ଖୋଲିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ଜଣକ ଜିଲା ଅବକାରୀ ବିଭାଗ କର୍ମଚାରୀ ଓ କେତେଜଣ ଅସାଧୁ କର୍ମଚାରୀଙ୍କୁ ସଲାସୁତୁରା କରିଛନ୍ତି। ଯାହାଫଳରେ ବିଭାଗୀୟ କର୍ମଚାରୀ ଏହି ସ୍ଥାନକୁ ଆଦୌ ନ ଆସି ମଦ ଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟପଟେ ସେହି ସ୍ଥାନରେ ପଲାଇ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଥିବା ବେଳେ ସେହି ସ୍ଥାନରେ ଠିପି ଖୋଲା ମଦ ଦୋକାନ ଖୋଲିବା ପାଇଁ କିପରି ଲାଇସେନ୍ସ ଦିଆଯିବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଜମିଟି କଷଣଅଣ୍ଟା ଗ୍ରାମର ଜନୈକ ଚାଷୀଙ୍କ ସ୍ଥିତିବାନ ଜମି। ଏହାର ଖାତା ନଂ.-୯୬ ଓ ପ୍ଲଟ ନଂ.-୨୨୩୬। ଏ ପର୍ଯ୍ୟନ୍ତ ଏହି ଜମିର କିସମ ପରିବର୍ତ୍ତନ କରାଯାଇନାହିଁ। ମାତ୍ର ଉକ୍ତ ଜମିରେ ଏକ ନର୍ସରୀ କରିବା ପାଇଁ ଜମି ମାଲିକଙ୍କୁ କୁହାଯାଇଥିବା ବେଳେ ହୋଟେଲ୍ ନିର୍ମାଣ କରାଯାଇଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଷଣଅଣ୍ଟା ସମେତ ତଳବାଲିପଡା, ବଳଦେବନଗର, ସିଦ୍ଧପାଟଣା, ବାଛରା, ପତ୍ରପୁର, ଗୋପାଳପୁର, କଅଁରପୁର, ତରିପାଟଣା, ନରେନ୍ଦ୍ରପୁର, ବିଲିକଣା, ବନ୍ଧସାହି ଆଦି ଗ୍ରାମର ଲୋକମାନେ ଏହି ମଦ ଦୋକାନ ଖୋଲିବାକୁ ଦୃଢ ବିରୋଧ କରିଛନ୍ତି।

## ଗାନ୍ଧୀ ଜୟନ୍ତୀ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୨୭।୯**

ଜିଲା ସ୍ୱାଧୀନତା ସଂଗ୍ରାମ ସମିତି ଓ ଗାନ୍ଧୀ ପଦଯାତ୍ରା କମିଟି ପକ୍ଷରୁ ଆସନ୍ତା ଗାନ୍ଧୀ ଜୟନ୍ତୀର କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଏକ ବୈଠକ ଶୁକ୍ରବାର ସହରର ଗରାପୁର ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ଭଜକୃଷ୍ଣ ରାଉତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ ହୋଇଥିଲା। ଗାନ୍ଧିଜୀଙ୍କ ରାତ୍ରୀଯାପନ ସ୍ଥଳ ଏହି ଡାକବଙ୍ଗଳାକୁ ଗାନ୍ଧି ସ୍ମୃତି ଭବନରେ ପରିଣତ କରିବା, ଗାନ୍ଧୀଙ୍କୁ ଗୁଳି ସମୟରେ ନାଥୁରାମ ଗଡସେଙ୍କୁ ଧରି ନେଇଥିବା କେନ୍ଦ୍ରାପଡା ଜିଲାର ରଘୁ ନାୟକଙ୍କ ନାମରେ ରାସ୍ତା କରିବା ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଶିକ୍ଷାବିତ ଇଶ୍ୱର ଚନ୍ଦ୍ର ସାହୁ, ହୃଷୀକେଶ ରଥ, ପରେଶ ଦାସ, ନକୁଳ ଚନ୍ଦ୍ର ଦାସ, ଡା. ସିପ୍ରା ମଲ୍ଲିକ, ମାନସ କୁମାର ପରିଡା, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ ଆଲୋଚନାରେ ଭାଗ ନେଇଥିଲେ।

### ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଜନ୍ମ ବାର୍ଷିକୀ ପାଳିତ

**କେନ୍ଦ୍ରାପଡା ଅଫିସ, ୨୭।୯**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୨୦୦ ତମ ଜନ୍ମ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସ୍ମୃତିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରାଧ୍ୟାପକ ରଞ୍ଜିତ କୁମାର ସାହୁ, ଅଧ୍ୟାପକ ଅଜୟ କୁମାର ରାଉତ, ଗବେଷକ ତରୁଣସେନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାସାଗରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ପଦ୍ମଜା କବି ଶତପଥୀ ଏହାକୁ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ଯୋଜନା ହଡ଼ପକୁ ଭାଜପାର ବିରୋଧ

**କେନ୍ଦ୍ରାପଡା ଅଫିସ, ୨୭।୯**




ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦ୍ର ସରକାରଙ୍କ ଉନ୍ନୟନ ଯୋଜନାକୁ ଓଡିଶା ସରକାର ହଡପ କରୁଛନ୍ତି। ବିଭିନ୍ନ ଯୋଜନାର ନାମ ବଦଳାଇ ରାଜ୍ୟ ସରକାର ବାହାବା ନେଉଛନ୍ତି। ଏପରି ଅଭିଯୋଗ କରି କେନ୍ଦ୍ରାପଡା ବ୍ଲକ ଓ ନଗର ଭାଜପା ପକ୍ଷରୁ ଶୁକ୍ରବାର ବିରୋଧ କରାଯାଇଛି। ଭାଜପା ପକ୍ଷରୁ ବ୍ଲକ ଓ ପୌର କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ କରାଯିବା ସହ ବିଡିଓ ସୁଧୀର କୁମାର ସିଂହ ଓ ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ନେତା ସୁନାକର ବେହେରା କହିଛନ୍ତି ଯେ, ସାମ୍ପ୍ରତିକ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦେଶରେ କାର୍ଯ୍ୟକାରୀ ହେଉଛି। ତେବେ ଏହି ଯୋଜନାକୁ ରାଜ୍ୟ ସରକାର ଆବାସ ଯୋଜନା ଅଥବା ବିଜୁ ପକ୍କାଘର ଯୋଜନା କହି ସାଧାରଣ ଜନତାଙ୍କୁ ଭୂଆଁ ବୁଲାଉଛନ୍ତି। ଏପରି କି କାର୍ଯ୍ୟାଦେଶ ବଣ୍ଟନ ସମୟରେ ଏହି କେନ୍ଦ୍ରୀୟ ଯୋଜନାର ନାମ ରହୁନାହିଁ। ପୂର୍ବରୁ ସ୍ୱାସ୍ଥ୍ୟସେବା ପାଇଁ ୧୦୮ ସେବା କେନ୍ଦ୍ର ସରକାର ଚଳାଇ ଥିବା ବେଳେ ଏହାକୁ ରାଜ୍ୟ ସରକାର ନାମ ବଦଳାଇ ଦେଇଥିଲେ। ସେହିପରି କେନ୍ଦ୍ରୀୟ ଯୋଜନାରେ ଚାଉଳ ଯୋଗାଣ, ବାଳିକା ସମୃଦ୍ଧି ଯୋଜନାକୁ ରାଜ୍ୟ ସରକାର ହଡପ କରିଥିବା ସେ କ୍ଷୋଭର ସହ ପ୍ରକାଶ କରିଥିଲେ। ଏହି ବିକ୍ଷୋଭରେ ବ୍ଲକ ଓ ନଗର ଭାଜପାର ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ଅଧାରେ ଅଟକିଛି ରାସ୍ତା କାମ, ଦୁର୍ଦ୍ଦଶାରେ ୩ ପଞ୍ଚାୟତବାସୀ

**କେନ୍ଦ୍ରାପଡା ଅଫିସ,୨୭।୯**

ସରକାରୀ ଯୋଜନା କିଭଳି ବାଟମାରଣା କରାଯାଏ, ତାର ଉଦାହରଣ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ ୫ ବର୍ଷ ମଧ୍ୟରେ ଏହି ବ୍ଲକ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ବିଭିନ୍ନ ମୁଖ୍ୟ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ବ୍ଲକ ଅଧୀନ ଲୁଣା ଓ ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳରେ ଥିବା ଶାଗୁଣାଘାଇ-ରାଇରଙ୍ଗପୁର ୯ କି.ମି. ମୁଖ୍ୟ ରାସ୍ତା ଏହାର ଏକ ଉଦାହରଣ। ଏହି ରାସ୍ତା ଇନ୍ଦାଳୋ ପଞ୍ଚାୟତର ଶାଗୁଣାଘାଇ ଠାରୁ ଆରମ୍ଭ ହୋଇ ହରିଅଙ୍କ ପଞ୍ଚାୟତ ମଧ୍ୟ ଦେଇ ଯଅଁରା ବାରିମୂଳ ପଞ୍ଚାୟତର ରାଇରଙ୍ଗପୁର ଠାରେ ଶେଷ ହୋଇଛି। ଏହି ରାସ୍ତାର ହରିଅଙ୍କ ପଞ୍ଚାୟତ ଫାଣ୍ଡିବର ଛକ ଠାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ୬ କି.ମି. ରାସ୍ତା ମରଣଯନ୍ତା ପାଲଟିଥିଲା। ଏଥିପାଇଁ ପଞ୍ଚାୟତବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଦାବି କରିବା ପରେ ଟେଣ୍ଡର କରାଯାଇ ୨୦୧୬ ଅକ୍ଟୋବରରେ ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟାଦେଶ ନେଇଥିବା ଠିକା ସଂସ୍ଥା ଉକ୍ତ ରାସ୍ତାରେ ଥିବା ପିଚୁକୁ ତାଡି ଡଷ୍ଟ ଗୁଣ୍ଡ ପକାଇଥିଲା। ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହେବାକୁ ଥିବା ରାସ୍ତା କାର୍ଯ୍ୟରେ ଅନିୟମିତତା ହେଉଥିବା ଦେଖି ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ଏହାର ତଦନ୍ତ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ରାସ୍ତା ପରିଦର୍ଶନରେ ଆସିବା ସହ ଠିକାଦାର ଓ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ତାଗିଦ କରିଥିଲେ। ମାତ୍ର ଏହି ରାସ୍ତା କାର୍ଯ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡି ୨୦୧୬ ଡିସେମ୍ବରରୁ ଠିକାଦାର ପଳାଇ ଯାଇଥିବା ହରିଅଙ୍କ ଅଞ୍ଚଳର ଶିକ୍ଷାବିତ ଅନନ୍ତ କୁମାର ପରିଡା କହିଛନ୍ତି। ଦୀର୍ଘ ଦିନ ଧରି ରାସ୍ତା କାମ ବନ୍ଦ ହେବା ଏବଂ ରାସ୍ତାରେ ପଡିଥିବା ଡଷ୍ଟ ଗୁଣ୍ଡ ଯୋଗୁ ଖରାଦିନେ ଇନ୍ଦାଳୋ, ହରିଅଙ୍କ ଓ ଯଅଁରା ବାରିମୂଳ ପଞ୍ଚାୟତବାସୀ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ରାସ୍ତା ନିର୍ମାଣ ସଂପୂର୍ଣ୍ଣ କରିବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ହେଁ ବିଭାଗୀୟ ସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ନିଆ ଯାଇନାହିଁ। ସେହିପରି ହରିଅଙ୍କ ସରପଞ୍ଚ ଯୁଗଳ କିଶୋର ମହାନ୍ତି କ୍ଷୋଭର ସହ ପ୍ରକାଶ କରିଛନ୍ତି ଯେ, ଦ୍ୱୀପାଞ୍ଚଳରେ ଥିବା ଭୋଳାହାଟ ବଜାର ଡେରାବିଶ ଓ ଗରଦପୁର ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର। ଏହି ବଜାର ମଧ୍ୟଦେଇ ଯାଇଥିବା ରାସ୍ତା ଅଧାପନ୍ତରିଆ ହୋଇ ପଡି ରହିବା ଦ୍ୱାରା ରାସ୍ତାରେ ଯାତାୟତ ପାଇଁ ଘୋର ସମସ୍ୟା ଦେଖାଦେଇଛି। ଏପରିକି ରାସ୍ତାରେ ପଡିଥିବା ଡଷ୍ଟ ଗୁଣ୍ଡ ଉଡି ରାସ୍ତା କଡରେ ଥିବା ଦୋକାନରେ ପଶିଯିବାରୁ ଲୋକେ ହଇରାଣ ହେଉଛନ୍ତି। ସେହିପରି ଯଅଁରା ବାରିମୂଳ ସମିତି ସଭ୍ୟ ରଘୁନାଥ ଶତପଥୀ, ଇନ୍ଦାଳୋ ସମିତିସଭ୍ୟ ସୁଜିତ ସାମନ୍ତରାୟ ଏହି ରାସ୍ତାର ଅନିୟମିତତାର ତଦନ୍ତ ପାଇଁ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅର୍ଜ୍ଜୁନ ଚରଣ ସାହୁ କହିଛନ୍ତି, ନିର୍ମାଣାଧୀନ ରାସ୍ତା କାର୍ଯ୍ୟରେ ଅଞ୍ଚଳବାସୀଙ୍କ ଅସହଯୋଗ ପାଇଁ କାମ ବନ୍ଦ ରହିଛି।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ। -ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### କେନ୍ଦ୍ର ଯୋଜନା ହଡ଼ପ ବିରୋଧରେ ଭାଜପାର ଗଣବିକ୍ଷୋଭ

ବିଞ୍ଝାରପୁର,୨୭।୯(ଡି.ଏନ.ଏ): କେନ୍ଦ୍ର ଯୋଜନାର ହଡ଼ପ ଓ ରାଜ୍ୟ ସରକାରଙ୍କ ମନମାନୀ ବିରୋଧରେ ରାଜ୍ୟ ଭାଜପା ଡାକରାରେ ବିଞ୍ଝାରପୁର ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ଯାଜପୁର ଜିଲା ସଭାନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ବିଞ୍ଝାରପୁର ଅଞ୍ଚଳର ଭାଜପାର ଛାମୁଆ ନେତା ପୂର୍ବତନ ଜିଲାପରିଷଦ ସଭ୍ୟ ନିରଞ୍ଜନ ବେହୁରିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଜିତେନ୍ଦ୍ର ବିଶ୍ୱାଳ, ଯୁବ ସଂଗଠକ ସଞ୍ଜୀବ ସାହୁ, ବିଶ୍ୱଜିତ ସାମଲ, ସୌଭାଗ୍ୟ ନାୟକ, ଶ୍ରୀକାନ୍ତ ପ୍ରଧାନ, ଦୀନବନ୍ଧୁ ନାୟକ, ମୁକ୍ତିକାନ୍ତ ସାମଲ, ଭଗବାନ ମଲ୍ଲିକ, ନମିତା ନାୟକ, ଭଗବତୀ ଧଳ, ଘନଶ୍ୟାମ ଯେନା, ଶ୍ରୀଧର ଯେନା ପ୍ରମୁଖ ଅଳାରପୁରଛକରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଏହି ଅବସରରେ ବ୍ଲକ ସମ୍ମୁଖରେ ହୋଇଥିବା ପ୍ରତିବାଦ ସଭା ଭାଜପା ବିରିଷ୍ଟ ନେତା ଜିତେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ହୋଇଥିଲା। ଏହି ପ୍ରତିବାଦ ସଭାରେ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରି ମନଇଚ୍ଛା ନାମକରଣ କରିବାକୁ ସଭାନେତ୍ରୀ ତୀବ୍ର ବିରୋଧ କରିଥିଲାବେଳେ ଅନ୍ୟ ଛାମୁଆ ନେତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ଉତ୍ତଙ୍ଗରା ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଭିତ୍ତିକ ଆଲୋଚନାଚକ୍ର

ବିଞ୍ଝାରପୁର,୨୭।୯ (ଡି.ଏନ.ଏ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ବିଜ୍ଞାନ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକସ୍ତରୀୟ ଆଲୋଚନାଚକ୍ରକୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ଉଦ୍‌ଘାଟନ କରିଥିଲାବେଳେ ଏହି ଅବସରରେ ଆୟୋଜିତ ସଭାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପ୍ରସାଦ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ ରମେଶ ଚନ୍ଦ୍ର ଧଳ, ପ୍ରଦୀପ୍ତ କୁମାର ମିଶ୍ର, ପ୍ରାଧ୍ୟାପକ ଦିବ୍ୟରଞ୍ଜନ ସିଂ, ଶ୍ରୀକୃଷ୍ଣ ଦାସ, ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଆଧୁନିକ ସମାଜରେ ବିଜ୍ଞାନର ଆବଶ୍ୟକତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲାବେଳେ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ଷଡଙ୍ଗୀ ପ୍ରଥମ, ଛାତ୍ରୀ ସ୍ୱାତୀଶତାବ୍ଦୀ ଧଳ ଦ୍ୱିତୀୟ ଓ ଚିନ୍ମୟ ସାମଲ, ଆୟୁସ୍ମିତା ଦାସ ଯୁଗ୍ମ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଭାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସ୍ମୃତିରଞ୍ଜନ ଷଡଙ୍ଗୀ ଆସନ୍ତା ଜିଲାସ୍ତରୀୟ ବିଜ୍ଞାନ ଭିତ୍ତିକ ଆଲୋଚନାରେ ଭାଗ ନେବେ ବୋଲି ଜଣାପଡିଛି। ଏହି ଆଲୋଚନାଚକ୍ରରେ ସୁରେନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ର୍‍ୟାକ୍ ପଏଣ୍ଟରୁ ୟୁରିଆ ସାର ହରିଲୁଟ

- ଚଢ଼ା ଦରରେ ଜିଲା ବାହାରେ ବିକ୍ରି
- ଏମ୍ଏଫ୍ଏମ୍ଏସ୍‌କୁ ମାନୁନାହାନ୍ତି ଡିଲର
- ୟୁରିଆ ସାର ନ ପାଇ ଚାଷୀ ହନ୍ତସନ୍ତ

ଯାଜପୁର ଅଫିସ,୨୭।୯

ଲାଭଖୋର ସାର ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁ ଯାଜପୁର ଜିଲାରେ ସାରର ଅଭାବୀ ପରିସ୍ଥିତି ଲାଗି ରହିଛି। ର୍‍ୟାକ ପଏଣ୍ଟରୁ ୟୁରିଆ ସାର ହରିଲୁଟ ହେଉଛି। ଏପରିକି ଢେଙ୍କାନାଳ, କେନ୍ଦୁଝର, କେନ୍ଦ୍ରାପଡା ଆଦି ଜିଲାକୁ ବେଆଇନ ଭାବେ ୟୁରିଆ ସାର ଚାଲାଣ ହେଉଥିବା ଅଭିଯୋଗ ହୋଇଛି। କେତେକ ବ୍ୟବସାୟୀ ଏକଥାକୁ ସ୍ୱୀକାର କରିଛନ୍ତି। ଏହି ସୁଯୋଗରେ ନକଲି ସାର ବ୍ୟବସାୟୀମାନେ ମଧ୍ୟ ସକ୍ରିୟ ହୋଇଉଠିଛନ୍ତି। କେତେକ ସ୍ଥାନରେ ସରକାରୀ ଦରରୁ କମ୍ ମୂଲ୍ୟରେ ସାର ବିକ୍ରି ହେଉଥିବା ଘଟଣା ନଜରକୁ ଆସିବା ପରେ ଚାଷୀଙ୍କ ମନରେ ଏଭଳି ସନ୍ଦେହ ଜାତ ହୋଇଛି।

ଯାଜପୁର ଜିଲାରେ ସାର କାରବାର ପାଇଁ ୨୫ଜଣ ଡିଲର ଓ ୪୪୮ଜଣ ରିଟେଲରଙ୍କୁ ଲାଇସେନ୍ସ ମିଳିଛି। ଜିଲାରେ ସାର ଯୋଗାଣ ପାଇଁ ଇଫ୍‌କୋ, ନାଗାର୍ଜୁନ, ପିପିଏଲ ଭଳି କମ୍ପାନୀ ଗୁଡିକ ଜିଲା ପ୍ରଶାସନ ସହ ଚୁକ୍ତି କରିଛନ୍ତି। ବିଶେଷ କରି ଖରିଫ ଋତୁରେ ଧାନ ଓ ଆଖୁଚାଷ ପାଇଁ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ରହିଛି। ଏହିକ୍ରମରେ ସମଗ୍ର ଜିଲାର କୋରେଇ, ଧର୍ମଶାଳା, ବିଞ୍ଝାରପୁର, ଦଶରଥପୁର, ବରୀ ଓ ବଡ଼ଚଣା ବ୍ଲକର ଚାଷୀଙ୍କ ଧାନ ଚାଷ କ୍ଷେତ୍ରରେ ଅଗ୍ରଣୀ ଭୂମିକା ରହିଛି। ଏହିସବୁ ବ୍ଲକ ପାଇଁ ଅନ୍ୟୁନ ୨୦ଜଣ ଡିଲର ନିଯୁକ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ କୋରେଇ ବ୍ଲକର ୮ଜଣ ଡିଲର ଯାଜପୁର ରୋଡ ରେଲୱେ ଷ୍ଟେଶନରୁ ସର୍ବାଧିକ ସାର ଉଠାଣ କରିଛନ୍ତି। ତେବେ ସାର କାରବାରରେ ହୋଇଥିବା ଅନିୟମିତତାରେ କୋରେଇ ଅଞ୍ଚଳର ସାର ଡିଲରଙ୍କ ସର୍ବାଧିକ ସମ୍ପୃକ୍ତି ରହିଛି ବୋଲି କୁହାଯାଉଛି। ଏଥିମଧ୍ୟରୁ ଓମଶ୍ରୀ କୋ-ଅପରେଟିଭ ସୋସାଇଟିକୁ ଇଫ୍‌କୋ ସାର କମ୍ପାନୀ ପକ୍ଷରୁ ଶେଷ କୋଟା ଭାବରେ ଗତ ୧୯ ତାରିଖରେ ୨୫୦.୧୫୫ଟନ (୫,୭୫୦ ବସ୍ତା) ସାର ମିଳିଥିଲା। କମ୍ପାନୀ ପକ୍ଷରୁ ନିଜ ଖର୍ଚ୍ଚରେ ଡିଲର ଗୋଦାମରେ ସାର ପହଞ୍ଚାଇବା ନିୟମ ଥିବାବେଳେ ର୍‍ୟାକ୍ ପଏଣ୍ଟରୁ ରିଟେଲରଙ୍କୁ ପ୍ରଦାନ କରାଯିବାର ସୁଯୋଗ ସୃଷ୍ଟି କରାଯାଇଛି। ଏଥିରେ କମ୍ପାନୀକୁ ଲାଭ ମିଳିଛି। ଏ କୋଟା ପାଇଁ କମ୍ପାନୀ ପକ୍ଷରୁ ଡିଲରକୁ ୨୪ ତାରିଖରେ ବିଲ ପ୍ରଦାନ କରାଯାଇଥିଲା। କମ୍ପାନୀ ଇନଭଏସ୍ ମିଳିବା ପୂର୍ବରୁ ୪୦ଟି ରିଟେଲରଙ୍କ ମଧ୍ୟରେ ସାର ବାଣ୍ଟି ଦିଆଯାଇଥିବା ସୂଚନା ମିଳିଛି। ନିୟମାନୁଯାଇ ଡିଲରମାନେ ସାର ଉଠାଣ ପରେ ନିଜ ଷ୍ଟକ୍ ସହ ଯୋଡିବେ ଏବଂ ପିଓଏସ ମେଶିନ ବ୍ୟବହାର କରି ସାର ବାଣ୍ଟିବେ। ଚାଷୀଙ୍କଠାରୁ ଆଧାର ସଂଗ୍ରହ କରି ଅଙ୍ଗୁଳି ଛାପ ନେବା ସହ ରିଟେଲରଙ୍କୁ ସାର ପ୍ରଦାନ କରିବା ପୂର୍ବରୁ ଡିଲରମାନେ ଓ-ଫର୍ମ ସହ ନିଜକୁ ଯୋଡିବା ପରେ ସାର କାରବାର କରିବେ। ଏହି ସୋସାଇଟି ପକ୍ଷରୁ ଏ ସବୁ ନୀତି ନିୟମକୁ ଖିଲାପ କରାଯାଇଛି। ସାର ଗୋଦାମକୁ ନ ଆଣି ସିଧାସଳଖ ରିଟେଲରଙ୍କୁ ପ୍ରଦାନ କରାଯାଇଛି। ଫଳରେ ସାର ବଣ୍ଟନରେ ଚାଷୀଙ୍କୁ ଯେଉଁ ପ୍ରାଧାନ୍ୟ ଦିଆଯିବା କଥା ତାହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ବିଡମ୍ବନା ଯେ, ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ବସ୍ତାଏ ସାର ମହଜୁଦ୍ ନ ରଖିବା ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ। ଏଥିସହ ଉକ୍ତ ଡିଲର ପକ୍ଷରୁ ଜିଲାର ସୀମାନ୍ତ ଅଞ୍ଚଳରେ ଥିବା ରିଟେଲରଙ୍କୁ ସାର ବିକ୍ରି କରିବାରେ ଗୁରୁତ୍ୱ ଦିଆଯାଉଛି। ଏ ସଂକ୍ରାନ୍ତରେ ଓମଶ୍ରୀ କୋ-ଅପରେଟିଭ ସୋସାଇଟିର ପ୍ରୋପାଇଟର ସତ୍ୟାନନ୍ଦ ମହାପାତ୍ରକୁ ପଚାରିବାରୁ, ଶେଷ କୋଟାକୁ ସେ ବିକ୍ରି କରିସାରିଛନ୍ତି। ତାଙ୍କ ନିକଟରେ ବସ୍ତାଏ ସାର ବି ମହଜୁଦ ନାହିଁ। ଏଥିସହ କାରବାର ସମୟରେ ପିଓଏସ ମେଶିନ ବ୍ୟବହାର କରୁଛନ୍ତି ବୋଲି କହିଛନ୍ତି। ମୋବାଇଲ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ (ଏମ୍ଏଫ୍ଏମ୍ଏସ୍) କାହିଁକି ଠିକ୍ ଭାବେ ପରିଚାଳନା ହେଉନାହିଁ ବୋଲି ପଚାରିବାରୁ ସେ ଏଥିପାଇଁ ନେଟ୍‌ୱାର୍କକୁ ଦାୟୀ କରିଛନ୍ତି। ଏଆରସିଏସ୍ ଶରତ କୁମାର ମଲିକଙ୍କୁ ପଚାରିବାରେ, ସ୍ୱୟଂସହାୟିକା ଗୋଷ୍ଠୀ ନାଁରେ ଲାଇସେନ୍ସ ପାଇଥିବା କୋ-ଅପରେଟିଭ ସୋସାଇଟିଗୁଡ଼ିକୁ କଟକରୁ ଲାଇସେନ୍ସ ପ୍ରଦାନ କରାଯାଇଛି। ସେମାନଙ୍କ ଉପରେ ସିଧାସଳଖ ସେମାନଙ୍କର ନିୟନ୍ତ୍ରଣ ନାହିଁ। ମାତ୍ର ଅଭିଯୋଗ ଆସିଲେ ତଦନ୍ତ କରାଯିବା ସହ ଅନିୟମିତତା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### କଲ୍ୟାଣପୁର ସରପଞ୍ଚ ନିଲମ୍ବିତ

ବିଞ୍ଝାରପୁର,୨୭।୯(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ସରପଞ୍ଚ ସୁନୀତା ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଅଗଷ୍ଟ ମାସରେ ଅନୁଷ୍ଠିତ ଗ୍ରାମ ପଞ୍ଚାୟତ ବୈଠକରେ ସରପଞ୍ଚ ସୁନୀତା ନାୟକଙ୍କ ପରିବର୍ତ୍ତେ ତାଙ୍କ ସ୍ୱାମୀ ମୁକ୍ତିକାନ୍ତ ସାମଲ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ କଲ୍ୟାଣପୁର ସରପଞ୍ଚଙ୍କୁ ଏନେଇ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ବୁଧବାର ସରପଞ୍ଚ ସୁନୀତା ନାୟକଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଚିଠି ନଂ. ୧୭୦୮୦/୨୬।୯।୨୦୧୯ ଅନୁଯାୟୀ ନିଲମ୍ବନ କରାଯାଇଥିବା ଜିପିଓ ସତ୍ୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି।

### ରାଜସ୍ୱ ମନ୍ତ୍ରୀଙ୍କ ରସୁଲପୁର ତହସିଲ ପରିଦର୍ଶନ

## ଜନତା, ଜନପ୍ରତିନିଧିଙ୍କୁ ଭେଟି ପଚାରି ବୁଝିଲେ ସମସ୍ୟା

ରସୁଲପୁର,୨୭।୯(ଡିଏନଏ)



ତହସିଲ କର୍ମଚାରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ଆଲୋଚନା କରୁଛନ୍ତି।

ଯାଜପୁର ଜିଲାକୁ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଶୁକ୍ରବାର ଅଚାନକ ପରିଦର୍ଶନରେ ଆସି ୨ଟି ତହସିଲ ପରିଦର୍ଶନ କରି ଫେରି ଯାଇଛନ୍ତି। ରସୁଲପୁର ତହସିଲରେ ରାଜସ୍ୱ ମନ୍ତ୍ରୀ ମାରାଣ୍ଡିଙ୍କ ଅଚାନକ ପରିଦର୍ଶନ ଯୋଗୁ ତହସିଲ ଚଳଚଞ୍ଚଳ ହୋଇଉଠିଥିଲା। ମନ୍ତ୍ରୀ ସିଧାସଳଖ ଜନସାଧାରଣ ଓ ଜନପ୍ରତିନିଧିଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଲୋକଙ୍କୁ ଠିକ୍‌ଭାବେ ସେବା ମିଳୁଛି କି ନାହିଁ ଜାଣିବାକୁ ଇଚ୍ଛା ପ୍ରକଟ କରିଥିଲେ। ଏଥିସହ ସରକାରଙ୍କ ୫-ଟି ଓ ମୋ ସରକାର ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପ୍ରଶ୍ନ କରିଥିଲେ। ମୋ ସରକାର ଯୋଜନାରେ ତହସିଲ ପରିସରରେ ବାୟୋ ମେଟ୍ରିକ୍ ମେଶିନ, ପାନୀୟ ଜଳ, ହେଲ୍ପ ଡେସ୍କ, ତହସିଲ କାର୍ଯ୍ୟାଳୟରେ ପ୍ରତ୍ୟେକ ସେକ୍ସନରେ ଫୋନର ସୁବିଧା ଦେଖି ମନ୍ତ୍ରୀ ଖୁସି ପ୍ରକଟ କରିଥିଲେ। ଏଥିସହ ବସୁନ୍ଧରା ଯୋଜନାରେ ଭୂମିହୀନକୁ ପଟ୍ଟା ପ୍ରଦାନ, ଲୋକସେବା ଆଇନର କାର୍ଯ୍ୟକାରିତା ଆଦି ସମ୍ପର୍କରେ ତଦାରଖ କରିଥିଲେ। କର୍ମଚାରୀଙ୍କ ଉପସ୍ଥାନ ଖାତା ଯାଞ୍ଚ କରି ଅଧିକାଂଶ କର୍ମଚାରୀ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଜାଣି ସନ୍ତୋଷ ବ୍ୟକ୍ତ କରିଥିଲେ। ତହସିଲଦାରଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ ସବୁ କର୍ମଚାରୀମାନେ ସରକାରଙ୍କ ୫-ଟି ଯୋଜନା, ମୋ ସରକାରକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଲୋକମାନେ ସରକାରୀ କାର୍ଯ୍ୟ ସମୟରେ କୌଣସି ଦଲାଲଙ୍କ ସହାୟତା ନ ନେବାକୁ ଆହ୍ୱାନ ଜଣାଇଥିଲେ। ଦଲାଲିରାଜ ହଟାଇବା ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ପରିଦର୍ଶନ ସମୟରେ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଯାଜପୁର ବ୍ଲକ ଆଗରେ ଭାଜପାର ବିକ୍ଷୋଭ

ଯାଜପୁର ଟାଉନ,୨୭।୯(ଡିଏନଏ)

କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)କୁ ରାଜ୍ୟ ସରକାର ବିଜୁ ପକ୍କାଘର ଆଖ୍ୟା ଦେଇ ନିଜସ୍ୱ ଯୋଜନା ବୋଲି କହୁଥିବାର ପ୍ରତିବାଦ ପୂର୍ବକ ଯାଜପୁର ଭାଜପା ଆଜି ସଦର ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଦଳର ବରିଷ୍ଠ ନେତା ଭାସ୍କର ଜେନା, ମନ୍ମଥ ବରାଳ, ସୁଦିପ୍ତ ପଣ୍ଡା, ସୁରଜଲାଲ ସାମଲ, ସୁଧାଂଶୁ ବେହେରା, ମହେନ୍ଦ୍ର ରାଉତ, ଗୋପିନାଥ ଗଜପତି ଭୂୟାଁ, ସୁରେଶ ରାଉତ, ଦେବେନ୍ଦ୍ର ନାୟକ, ପ୍ରଫୁଲ୍ଲ ସାହୁ, ଉଦୟ ପଣ୍ଡା, ଅକ୍ଷୟ ଆଚାର୍ଯ୍ୟ, ହରିହର ଜେନାଙ୍କ ସମେତ ଶତାଧିକ ଭାଜପା ସଂଗଠକ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ରର ଅନେକ ଯୋଜନାକୁ ରାଜ୍ୟ ସରକାର ହଡ଼ପ କରି ନାଁ ବଦଳାଇ ବାଃ ବାଃ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏଭଳି ହୀନ ରାଜନୀତିରୁ ରାଜ୍ୟ ସରକାର ଦୂରେଇ ନ ରହିଲେ ଭାଜପା ଏଥିପାଇଁ ଆନ୍ଦୋଳନ କରିବା ସହିତ ହିତାଧିକାରୀଙ୍କ ଘର କାନ୍ଥରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଲେଖିବା ପାଇଁ ଦଳୀୟ କର୍ମୀମାନେ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

### କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ କରିବା ଅଭିଯୋଗ

## ପ୍ରତିବାଦରେ ଭାଜପାର ବ୍ଲକ ଘେରାଉ

ଚଣ୍ଡିଖୋଲ,୨୭।୯(ଡି.ଏନ.ଏ)

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକୁ ରାଜ୍ୟ ସରକାର ନିଜ ନାମରେ କରି ଜନସାଧାରଣଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଛି ଭାଜପା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା ହାଉସିଂ ଫର ଅଲ୍ (ସମସ୍ତଙ୍କ ପାଇଁ ଘର) ଯୋଜନାକୁ ରାଜ୍ୟ ସରକାର ନାମ ପରିବର୍ତ୍ତନ କରି ମୋ ଆବାସ ନାମରେ ରାଜ୍ୟବାସୀଙ୍କୁ ଠକି ଚାଲିଛନ୍ତି। କେନ୍ଦ୍ର ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନାର ନାମ ବଦଳାଇ ଝିଅ ପାଇଁ ଚିଠିଟିଏ କରି ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ କରିଥିଲେ। ଟଙ୍କିକିଆ ଚାଉଳକୁ ନିଜ ନାମରେ ନାମିତ କରିବା, ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରିବା, ଯୋଗ୍ୟ ହିତାଧିକାରୀ ବଦଳରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରିବା, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣରେ ବ୍ୟାପକ ଆର୍ଥିକ ଅନିୟମିତତା ସହିତ ଗୋଟିଏ ଶୌଚାଳୟ ନିର୍ମାଣ କରି ରଙ୍ଗ ବଦଳାଇ ଏକାଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବା, ଜାତୀୟ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ଯୋଜନାରେ ଦଳୀୟ କର୍ମୀଙ୍କ ସାମିଲ କରିବା ଆଦି ପ୍ରତିବାଦରେ ଶୁକ୍ରବାର ବଡ଼ଚଣା ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ଓ ଗଣବିକ୍ଷୋଭ ବଡ଼ଚଣା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଭାଜପା ମହିଳା ଉପସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ମୁଖପାତ୍ର ଅମର ନାୟକ, ଜିଲା ଭାଜପା ସଭାପତି ଗୌତମ ରାୟ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ସାରଦା ରାଉତ, ରମାକାନ୍ତ ରାଉତ, ପୂର୍ବତନ ସରପଞ୍ଚ ରମେଶ ପୃଷ୍ଟି, ସରପଞ୍ଚ ନୀଳମଣି ରାଉତ, ପ୍ରମୋଦ କୁମାର ଜେନା, ବିନୋଦ ଜେନା, ଅଜୟ ଜେନା, ଧୁଳେଶ୍ୱର ଦାସ, ବିଚିତ୍ରାନନ୍ଦ ମହାପାତ୍ର, ବେଣୁଧର ବିଶ୍ୱାଳ ପ୍ରମୁଖ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପ୍ରଦାନ କରାଯାଇଥିଲା।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ

ଯାଜପୁର ଟାଉନ,୨୭।୯(ଡିଏନଏ)

**ଯାଜପୁରରେ ବିଶ୍ୱ ପର୍ଯ୍ୟଟନ ଦିବସ**

ସ୍ୱଚ୍ଛ ପରିବେଶ, ଉତ୍ତମ ବ୍ୟବହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଯାଜପୁର ଜିଲା ପର୍ଯ୍ୟଟନ କ୍ଷେତ୍ରରେ ବେଶ ସମୃଦ୍ଧ। ତେଣୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ପରିବେଶ ସୃଷ୍ଟି କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଜିଲାପାଳ ଦାସ ଯାଜପୁର ସହରସ୍ଥିତ ଦଶାଶ୍ୱମେଧ ଘାଟ ନିକଟରୁ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଇନ୍ଦିରା ଗାନ୍ଧୀ ହୋଟେଲ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟର ଛାତ୍ରୀଛାତ୍ର ଯୋଗଦେଇ ସହର ପରିକ୍ରମା କରିବା ସହ ବିଭିନ୍ନ ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ବରାହ ମନ୍ଦିର ନିକଟରେ ପହଞ୍ଚି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ପରେ ଜିଲାପାଳ ଦାସ ଦଶାଶ୍ୱମେଧ ଘାଟର ଉନ୍ନତୀକରଣ ପାଇଁ ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ଥାୟୀ ଶୌଚାଳୟ ଓ ପୋଷାକ ପରିବର୍ତ୍ତନ କକ୍ଷର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଉପସ୍ଥିତ ସେବାୟତ ଓ ପୂଜକମାନେ ପରିବେଶର ସ୍ୱଚ୍ଛତା ପ୍ରତି ଦାୟିତ୍ୱବାନ ହେବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପର୍ଯ୍ୟଟନ ଅଧିକାରୀ ନିରୋଜ କୁମାର ସାହୁ, ଲୋକ ସମ୍ପର୍କ ଅଧିକାରୀ, ଇନ୍ଦିରା ଗାନ୍ଧୀ ହୋଟେଲ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟ, ଆର୍‌ଟିଓରୁ ଦଲାଲ ଗିରଫ

ଯାଜପୁର ଟାଉନ,୨୭।୯(ଡିଏନଏ)

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ରାତିରେ ଚଢ଼ାଉ କରାଯାଇ ପ୍ରୀତିପୁର ଅଞ୍ଚଳର କେଦାର ସାହୁ ନାମକ ଜଣେ ଦଲାଲଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୭୫/୧୯) ରୁଜୁ କରିଛି। କେଦାର ରୋଗୀଙ୍କୁ ପ୍ରଲୋଭିତ କରି ଘରୋଇ ଚିକିତ୍ସାକେନ୍ଦ୍ରକୁ ନେଇଯାଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଶୁକ୍ରବାର ଆରଟିଓ କାର୍ଯ୍ୟାଳୟରେ ପୋଲିସ ଚଢ଼ାଉ କରି ଅକ୍ଷୟ ସ୍ୱାଇଁ ନାମକ ଜଣେ ଦଲାଲଙ୍କୁ ଗିରଫ କରି ଏକ ମାମଲା (ନଂ.୨୭୬/୧୯) ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି।

### ମଧୁସୂଦନପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ

## ୪ ବଖରା ସହ ଜଳିଗଲେ ୪ ଗୋରୁ



ବିଞ୍ଝାରପୁର,୨୭।୯(ଡି.ଏନ.ଏ)

ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର ରଥସାହିଠାରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଏଥିରେ ଦୁଇ ପରିବାରର ୪ବଖରା ସହିତ ୨ଟି ଗାଇ, ୨ ବାଛୁରୀ, ୪ ବାଇକ୍ ଓ ସ୍କୁଟି, ନଗଦ ୫୦ ହଜାର ଟଙ୍କା ଏବଂ ଘରର ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ଏହି ଗ୍ରାମର ସଞ୍ଜୟ କୁମାର ରଥ(୫୨)ଙ୍କ ଗୁହାଳ ଘରେ ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ ଚାହିଁଚାହିଁ ପଡୋଶୀ ଦିନମଜୁରିଆ ଶ୍ରେଣୀର ସୁବାସ ଚନ୍ଦ୍ର ରଥ(୩୮)ଙ୍କ ଘରକୁ ବ୍ୟାପୀ ଯାଇଥିଲା। ସୁବାସଙ୍କ ଦୁଇ ବଖରା ଓ ସଞ୍ଜୟଙ୍କ ଗୁହାଳ ଘର ସହିତ ପାଖରେ ଥିବା ଅନ୍ୟ ଏକ ବଖରା ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ସଞ୍ଜୟଙ୍କର ୪ଟି ଗୋରୁ, ୪ଟି ଗାଡ଼ି ଜଳିଯାଇଛି। ସେହିପରି ସୁବାସଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଘର ଛପର ପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣିଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜଳିଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତିନି ପୁଅ ଓ ପରିବାରକୁ ନେଇ ସୁବାସ ଏବେ ପରଘରେ ମୁଣ୍ଡ ଗୁଞ୍ଜିଛନ୍ତି। ସରକାରୀସ୍ତରରେ ଏହି ଅଗ୍ନିବିପନ୍ନଙ୍କୁ ଥଇଥାନ କରାଯିବା ସହିତ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି କରାଯାଉଛି।

### କମୁନି ଝିଅବୋହୂଙ୍କୁ ଶାରୀରିକ ନିର୍ଯାତନା

## ପ୍ରହସନ ପାଲଟିଛି ଆତ୍ମରକ୍ଷା କୌଶଳ ତାଲିମ

ଯାଜପୁର ଅଫିସ,୨୭।୯



**ବିପଦରେ ସ୍କୁଲ, କଲେଜ ଛାତ୍ରୀ**

ରାଜ୍ୟ ଯୁବ ନୀତି (ଷ୍ଟେଟ ୟୁଥ୍ ପଲିସି)-୨୦୧୩ ଅନୁଯାୟୀ କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପ୍ରଣୀତ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ଯାଜପୁର ଜିଲାରେ ପ୍ରହସନ ପାଲଟିଛି। ଜିଲାର କୌଣସି କଲେଜରେ ଏହି ମହତ ଯୋଜନାକୁ ଗାଇଡ୍‌ଲାଇନ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପରାହତ ହେଉଛି। ଏହି ଅନୀୟମିତତାକୁ ଉଚ୍ଚଶିକ୍ଷା ବିଭାଗ ହୃଦୟଙ୍ଗମ କରି ଏକ ରଣନୀତି ପ୍ରସ୍ତୁତ କରିଛନ୍ତି। ୨୦୧୯-୨୦ ବର୍ଷ ଏହି କାର୍ଯ୍ୟକ୍ରମକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ ନୋଡାଲ କଲେଜ, ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ, ଅନୁଦାନପ୍ରାପ୍ତ କଲେଜ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ କଲେଜ ଏହି ନିର୍ଦ୍ଦେଶର ଅନୁପାଳନ କରିବ ନାହିଁ ସେହି କଲେଜ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ନାରୀ ଅତ୍ୟାଚାର ଓ ବଳାତ୍କାରର ଶିକାର ହୋଇଚାଲିଛନ୍ତି। ଅନେକ ସମୟରେ କଲେଜ ଛାତ୍ରୀମାନେ ଯୌନ ନିର୍ଯାତନା ଭୋଗୁଛନ୍ତି। ନିର୍ଜନ ରାସ୍ତାରେ ଯୁବତୀଟିଏ ଆଜି ଏକାକି ଯିବାର ସାହସ ଜୁଟାଇ ପାରୁନି। ଯୌତୁକ ରୂପୀ ରାକ୍ଷସ ଅନେକ ନବବଧୂଙ୍କ ସ୍ୱପ୍ନରେ ନିଆଁ ଲଗାଇ ଦେଉଛି। ଯାଜପୁର ଜିଲାରେ ବୋହୂଙ୍କ ଚୁଟି ଧରି ଗାଁଦାଣ୍ଡରେ ଘୋଷାଡ଼ି ଘୋଷାଡ଼ି ଶ୍ୱଶୁର ମାଡ ମାରୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। କହିବା ବାହୁଲ୍ୟ ଯେ, ନାରୀ ନିର୍ଯାତନା ସାମାଜିକ ବନ୍ଧନକୁ ଶିଥିଳ କରିଦେଇଛି। ଏହି ପରିପ୍ରେକ୍ଷୀରେ ମାର୍ଶଲ ଆର୍ଟ ଶିକ୍ଷା ନାରୀଙ୍କୁ ଶକ୍ତିମୟୀ କରିଛି। ରାଜ୍ୟର ଅନେକ ଯୁବତୀ ମାର୍ଶଲ ଆର୍ଟ ଶିକ୍ଷା ଗ୍ରହଣ କରି ଦେଶ ଓ ବିଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି। ଏହିକ୍ରମରେ ଉଭୟ ମହିଳା ଓ ପୁରୁଷଙ୍କୁ ସୁଦୃଢ କରିବାକୁ ବିଭିନ୍ନ ଆସୋସିଏଶନ କାର୍ଯ୍ୟ କରୁଛି। ମାର୍ଶଲ ଆର୍ଟ ବ୍ୟତୀତ ଛାତ୍ରୀମାନେ ବୌଦ୍ଧିକ, ଯୋଗାସନ, ଧ୍ୟାନ, ସଂଯମ, ସମାଜସେବା, ସ୍ୱାସ୍ଥ୍ୟରକ୍ଷା, ସୌଜନ୍ୟ ଓ ଶୃଙ୍ଖଳାଗତ ଜ୍ଞାନ ଆହରଣ କରି ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଛନ୍ତି। ତେଣୁ ଏହି ଶିକ୍ଷା ପ୍ରତି ଅଧିକାଂଶ ଅଭିଭାବକ ଓ ଛାତ୍ରୀ ଆକୃଷ୍ଟ ହୋଇଛନ୍ତି। ଏହିକ୍ରମରେ ଛାତ୍ରୀଙ୍କୁ ଅଧିକ ଶକ୍ତିମୟୀ କରିବାକୁ ସରକାର ଯୋଜନା କରିଥିଲେ ହେଁ କଲେଜ ଓ ସ୍କୁଲ କର୍ତ୍ତୃପକ୍ଷ ସେତେଟା ଆଗ୍ରହ ପ୍ରକାଶ କରିନାହାନ୍ତି। ଫଳରେ ଆଜି ବି ଛାତ୍ରୀମାନେ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଭୋଗୁଥିବା ଅନେକ ଦୃଷ୍ଟାନ୍ତ ରହିଛି। ତେଣୁ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ସରକାର ନୂଆ ନୀତି ଆପଣାଇଛନ୍ତି। ଏହିମର୍ମରେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସମ୍ପାଦକ ଶ୍ୟାମଳୀ ମହାପାତ୍ର ସମସ୍ତ ଜିଲାପାଳଙ୍କୁ ଏହି ନୀତିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ନେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାବାଦ ଉପଜିଲାପାଳ, ବିଡିଓ ଓ ତହସିଲଦାର ଏହି ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନ ହେଉଛି କି ନାହିଁ ତାହା ନୀରିକ୍ଷଣ କରିବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର କୁହନ୍ତି, ପ୍ରତ୍ୟେକ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିବା ନିତ୍ୟାନ୍ତ ଆବଶ୍ୟକ। କାରଣ ଝିଅମାନେ ଶାରୀରିକ ଭାବେ ଦୁର୍ବଳ ହୋଇଥିବାରୁ ନାରୀ ସବୁବେଳେ ନିର୍ଯାତିତ ହୋଇଥାଏ। ତେଣୁ ଝିଅବୋହୂଙ୍କ ସୁରକ୍ଷା ପାଇଁ ସରକାର ସ୍କୁଲ ଓ କଲେଜସ୍ତରରେ ଆତ୍ମରକ୍ଷା କୌଶଳକୁ ବାଧ୍ୟତାମୂଳକ କରିବା ଆବଶ୍ୟକ। ପ୍ରତ୍ୟେକ ସ୍କୁଲରେ ଏଥିପାଇଁ ଜଣେ ଜଣେ ବିଶେଷଜ୍ଞ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପାଇଥିବା ୧୧ ହଜାର ଟଙ୍କା ଫେରାଇଲେ ବ୍ୟବସାୟୀ



**କୁଜଙ୍ଗ,୨୭।୯(ସ୍ୱ.ପ୍ର.):** କୁଜଙ୍ଗ ମାରୱାଡି ପଟି ଲକ୍ଷ୍ମୀ ବଜାରର ଜଣେ ବ୍ୟବସାୟୀ ଶୁକ୍ରବାର ନିଜ ସାଧୁତା ପାଇଁ ବିଭିନ୍ନ ମହଲରେ ବେଶ୍ ପ୍ରଶଂସିତ ହୋଇଛନ୍ତି। ଠେସ ହେଲେ ବରିଷ୍ଠ ବ୍ୟବସାୟୀ ଧିରେନ୍ଦ୍ର କୁମାର ସ୍ୱାଇଁ ସୂଚନା ଅନୁଯାୟୀ, ଏହି ବଜାରର ଏକ ମନୋହରୀ ଦୋକାନ ନିକଟରେ କୁଜଙ୍ଗର ମଣ୍ଟୁ ମିଶ୍ର ନାମକ ଜଣେ ଡ୍ରେସ୍ ଦୋକାନୀ ୧୧ ହଜାର ଟଙ୍କା ଛାଡି ଚାଲିଯାଇଥିଲେ। ଏହି ଟଙ୍କା ସେ ସିଣ୍ଡିକେଟ୍ ବ୍ୟାଙ୍କରେ ଜମା କରିଥାନ୍ତେ। ବ୍ୟାଙ୍କ୍‌ର ପାସ୍ ବୁକ ସହ ଟଙ୍କା ଏକ ଜରିରେ ଗୁଡ଼ାଇହୋଇ ରହିଥିଲା। ଏହି ଜରି ଦେଖି ଧିରେନ୍ଦ୍ରଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ନିଜ କର୍ମଚାରୀଙ୍କ ଦ୍ୱାରା ଉକ୍ତ ଜରିକୁ ଆଣି ଖୋଲିବା ପରେ ସେଥିରେ ୧୧ ହଜାର ଟଙ୍କା ଓ ପାସ୍‌ବୁକ୍ ଥିବା ଦେଖିଥିଲେ। ତୁରନ୍ତ ସେ ଉକ୍ତ ପାସ୍‌ବୁକରେ ଥିବା ମୋବାଇଲ୍ ନମ୍ବରକୁ ଯୋଗାଯୋଗ କରିଥିଲେ। ସେପଟେ ମଣ୍ଟୁ ନିଜ ଘରେ ଓ ମାଳହୁଙ୍କା ଅଞ୍ଚଳରେ ହଜାଇଥିବା ଟଙ୍କାକୁ ପାଗଳ ପ୍ରାୟ ଖୋଜି ଚାଲିଥିଲେ। ଏହି ସମୟରେ ଧିରେନ୍ଦ୍ରଙ୍କ ଫୋନ୍ ପାଇ ଟଙ୍କା ମିଳିଥିବା ଜାଣିବା ପରେ ସେ ଖୁସି ହୋଇଯାଇଥିଲେ। ପରେ ଲକ୍ଷ୍ମୀ ବଜାରକୁ ଆସି ଧିରେନ୍ଦ୍ରଙ୍କଠାରୁ ନିଜ ଟଙ୍କା ଗ୍ରହଣ କରିବା ସହ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଧିରେନ୍ଦ୍ରଙ୍କ ଏହି ସାଧୁତା ପାଇଁ ତାଙ୍କୁ ଖବରଦାତା ଜୀବନାନନ୍ଦ ଅଧିକାରୀ, ପ୍ରମୋଦ ସାହୁ, ମିହିର ସ୍ୱାଇଁ, ଜିତେନ୍ଦ୍ର ସାହୁ ପ୍ରମୁଖ ଉଚ୍ଚ ପ୍ରଶଂସା କରିଛନ୍ତି। ତାଙ୍କର ସାଧୁତା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ୨ ମାସ ତଳେ ପାରାଦୀପର ଏକ ଦମ୍ପତି ଏହି ଅଞ୍ଚଳରେ ୨୦ ହଜାର ଟଙ୍କାର ଏକ ଦାମୀ ମୋବାଇଲ୍ ହଜାଇ ଦେଇଥିଲେ। ଧିରେନ୍ଦ୍ର ଉକ୍ତ ମୋବାଇଲ ପାଇ ଫେରାଇଥିଲେ।

### ରୋଗୀ କଲ୍ୟାଣ ସମିତି ବୈଠକ

**ବିରିଡ଼ି,୨୭।୯(ଡି.ଏନ.ଏ.):** ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ହରିହର ଚଇନିଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ନୂତନ ବିପିଏମ ସ୍ମୃତିରେଖା ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରୋଗୀ କଲ୍ୟାଣ ସମିତି ଉପାଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏବିଡିଓ ଗିରିଜା ପ୍ରସାଦ ବାରିକ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସଭ୍ୟ ପ୍ରଦୀପ୍ତ ଭୂୟାଁ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଜ୍ଞାଜିତ ତ୍ରିପାଠୀ, ଡା. ଲେକାନାଥ ସାହୁ, ଡା. ସୌମ୍ୟା ମହାନ୍ତି, ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସେଠୀ, ରବିନାରାୟଣ ଜେନା, ପ୍ରମୁଖ ଉପସ୍ଥିତ ଥିଲେ।

## କଟରା ମିନି ବ୍ୟାଙ୍କ ଜମାକାରୀଙ୍କ ଅର୍ଥ ହଡ଼ପ

# ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା



ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରତ ଜମାକାରୀ।

**ତିର୍ତ୍ତୋଲ,୨୭।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କଟରା ମିନି ବ୍ୟାଙ୍କ (ସନ୍ଥ ବିନୋବା ସେବା ସମୟବାୟ ସମିତି) ଟଙ୍କା ହଡ଼ପ ଘଟଣାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ସେମାନେ ଟଙ୍କା ଫେରି ପାଇବା ପାଇଁ ତିର୍ତ୍ତୋଲ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୦ ତାରିଖରେ ମଧ୍ୟ ଜମାକାରୀମାନେ କଟରା ମିନିବ୍ୟାଙ୍କ ନିକଟରେ ଏକାଠି ହୋଇ ଜମା ଅର୍ଥ ସେମାନଙ୍କୁ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ପରେ କଟରା ବଜାରଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିସହ ଅର୍ଥ ଆତ୍ମସାତ ଘଟଣାର ତଦନ୍ତ କରିବାକୁ ଆସିଥିବା ସମବାୟ ବ୍ୟାଙ୍କର ଅଡିଟର, ଅତିରିକ୍ତ ରେଜିଷ୍ଟ୍ରାରଙ୍କ ସମେତ ତିର୍ତ୍ତୋଲ ଶାଖା ପରିଚାଳକ ଦୋଳଗୋବିନ୍ଦ ଖଟୁଆ, ସମ୍ପାଦକ ପ୍ରଦୀପ୍ତ ନାୟକ, ସଭାପତି ନୃସିଂହ ଚରଣ ସାହୁ ଓ କର୍ମଚାରୀମାନଙ୍କୁ ତାଲା ପକାଇ ଅଟକ ରଖିଥିଲେ।

ଏହି ଖବରପାଇ ତହସିଲଦାର ସୁଜାତା ପାତ୍ର ଜିଲାପାଳଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳକୁ ଯାଇ ଜମାକାରୀଙ୍କୁ ବୁଝାଶୁଝା କରିଥିଲେ। ସେପ୍ଟେମ୍ବର ୨୫ ତାରିଖଠାରୁ ବ୍ୟାଙ୍କରୁ ଉଠାଣ ସୁଯୋଗ ମିଳିବ ବୋଲି ସମିତିର ସମ୍ପାଦକ ପ୍ରଦୀପ୍ତ ନାୟକଙ୍କ ସହ ଆଲୋଚନା କରି ସେ ପ୍ରତିଶ୍ରୁତି ଦେବା ପରେ ଜମାକାରୀମାନେ ଅଧିକାରୀମାନଙ୍କୁ ଛାଡ଼ିଥିଲେ। ପ୍ରତିଶ୍ରୁତି ଅନୁଯାୟୀ, ଜମାକାରୀମାନେ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ ମିନିବ୍ୟାଙ୍କକୁ ଯାଇ ସେଠାରେ ତାଲା ଝୁଲୁଥିବା ଦେଖିଥିଲେ। ସମ୍ପାଦକଙ୍କ ଦେଖା ନ ପାଇ ସେମାନେ ନିରାଶ ହୋଇ ଫେରିଥିଲେ। ଫଳରେ ବାଧ୍ୟହୋଇ ସେମାନେ ସ୍ଥାନୀୟ ସମିତିସଭ୍ୟ ବାଇଧର ବଳଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏନେଇ ଲିଖିତ ଅଭିଯୋଗପତ୍ର ଦେବାକୁ ତହସିଲଦାର ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଉକ୍ତ ଅଭିଯୋଗପତ୍ର ଗ୍ରହଣ କରି ତହସିଲଦାର ତାଙ୍କ ପକ୍ଷରେ ଯାହା ପଦକ୍ଷେପ ନିଆଯାଇପାରିବ ସେ ନେବେ ବୋଲି କହିଥିଲେ। ଏଥିସହ ତହସିଲଦାର ଏହି ଅଭିଯୋଗପତ୍ରକୁ ଜିଲା ଆରକ୍ଷୀ ଅଧିକ୍ଷକ, ଉପଜିଲାପାଳ, ଜଗତ୍‌ସିଂହପୁର ଏଆରସିଏସଙ୍କ ନିକଟକୁ ପଠାଇଥିଲେ।



## ମା' ସିଦ୍ଧିଦାତ୍ରୀଙ୍କ ଇନ୍ଦ୍ରାଣୀ ବେଶ

**ନାଉଗାଁ,୨୭।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରଦ୍ୱୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଶୁକ୍ରବାର ଶାରଦୀୟ ପାର୍ବଣର ୬ଷ୍ଠ ଦିବସରେ ମା'ଙ୍କୁ ଇନ୍ଦ୍ରାଣୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଯଥା ରୀତି ପୂଜାର୍ଚ୍ଚନା ପରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଏହି ପାର୍ବଣୀୟ ବେଶ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଆଇପିଓ ପଦବୀ ପୂରଣ ପାଇଁ ସରପଞ୍ଚଙ୍କ ଦାବି

**ଏରସମା,୨୭।୯(ସ୍ୱ.ପ୍ର.)**

ଏରସମା ବ୍ଲକ ଆଇପିଓ (ଶିଳ୍ପ କାର୍ଯ୍ୟକ୍ରମ ଅଧିକାରୀ) ପଦବୀ ବର୍ଷେ ହେଲା ଖାଲିପଡ଼ିଛି। ଏହି ପଦବୀ ପୂରଣ ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଶୁକ୍ରବାର ପିସିସି ସଦସ୍ୟ ତଥା ପଲିକଣ୍ଡାର ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ ଏହି ପଦବୀ ପୂରଣ ପାଇଁ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କ ନିକଟରେ ଦାବି କରିଛନ୍ତି। ପ୍ରକାଶ ଯେ, ଏହି ପଦବୀରେ ନିଯୁକ୍ତ ଅଧିକାରୀ ଆଞ୍ଚଳିକସ୍ତରରେ ଶିଳ୍ପ ବିକାଶ ଦିଗରେ ପରାମର୍ଶ ଦିଅନ୍ତି। ତାଙ୍କ ପରାମର୍ଶ କ୍ରମେ ଚଟୁଆ ଓ ଏରସମା (ଶ୍ରୀରାମପୁର) ଗ୍ରାମରେ ଏକ କତା ଶିଳ୍ପ ଗଢି ଉଠିଥିଲା। ସ୍ଥାନୀୟ ଅଞ୍ଚଳରୁ କଞ୍ଚାମାଲ ଭାବରେ ନଡ଼ିଆ କତା ସଂଗ୍ରହ କରାଯାଇ ଦଉଡି, ପା' ପୋଛ, ହାତୀ, ଘୋଡା ଆଦି ଖେଳନା ତିଆରି କରି ବିକ୍ରି ହେଉଥିଲା। ଏଥିରେ ବହୁ ଯୁବତୀ ଯୁବକ ନିଯୁକ୍ତ ହୋଇ ଜୀବିକା ନିର୍ବାହ କରି ପାରୁଥିଲେ। ଏଥିସହିତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ବେକାର ଯୁବତୀ ଯୁବକଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସୁଯୋଗ ଦିଆଯାଉଥିଲା। ସେହିପରି ତାଳ ପତ୍ର, ଖଜୁରୀ ପତ୍ର, ବାଉଁଶ ଓ ବେତ ପ୍ରଭୃତିରେ ବିଭିନ୍ନ ସାମଗ୍ରୀ ତିଆରି ହେଉଥିଲା। ମାତ୍ର ପରିତାପର ବିଷୟ ବର୍ଷେ ହେଲା ଏହି ପଦବୀ ଖାଲିପଡିଛି। ସେହିପରି ବର୍ଷେ ପୂର୍ବରୁ ଯେଉଁ ଅଧିକାରୀ ଥିଲେ ସେ ଏକ ସଙ୍ଗରେ ବାଲିକୁଦା, ତିର୍ତ୍ତୋଲ ଓ ଏରସମା ଆଦି ୩ ବ୍ଲକ ଦାୟୀତ୍ୱରେ ଥିଲେ। ଏ ସମ୍ପର୍କରେ ଏରସମା ବିଡିଓ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ପଦବୀରେ କେହି ନିଯୁକ୍ତ ହୋଇନାହାନ୍ତି। ଆମେ ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଜଣାଇଛୁ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନମେଳା



ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

**ବିରିଡ଼ି/ବାଲିଆ,୨୭।୯(ଡି.ଏନ.ଏ.)**

ବିରିଡ଼ି ବ୍ଲକ ହାଜିପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ଶିକ୍ଷାକେନ୍ଦ୍ରସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୩ୟରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାରର ୨୦ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ଏହି ମେଳାକୁ ବିଦ୍ୟାଳୟର ସଭାପତି ବିଭୂଦତ୍ତ ସାହୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଜନତା ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ସୂର୍ଯ୍ୟନାରାୟଣ ବିଶ୍ୱାଳ, ଅଣଖିଆ ହାଇସ୍କୁଲର ଶିକ୍ଷକ ପ୍ରଭାକର ଦାସ ପ୍ରକଳ୍ପ ମୂଲ୍ୟାଳୟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଦୀପ୍ତିମୟୀ ଜେନା ପରିଚଳାନା କରିଥିଲେ। କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ପ୍ରତାପ ଦଳାଇ, ତୃପ୍ତିମୟୀ ମିଶ୍ର, ବିଜୟ ଦଳାଇ, ଶ୍ୟାମସୁନ୍ଦର ଭୋଇ, ବିଦ୍ୟୁତଲତା ପାଇକରାୟ, ମିତାଲି ବେହେରା, ସ୍ୱାତୀ ସୁଚରିତା ରାଖାଲ, ରୁଦ୍ରାଣୀ ପଣ୍ଡା, ଅମ୍ବିକା ବେହେରା, ନୟନା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଇତିହାସ ସମ୍ମାନ ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ରଘୁନାଥପୁର, ୨୭।୯ (ଡି.ଏନ.ଏ.)**




ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଇତିହାସ ସମ୍ମାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାଧ୍ୟାପକ ହିତେଶ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତ୍ୟାଗ, ଉତ୍ସର୍ଗ ଓ ନିଷ୍ଠା ଦ୍ୱାରା ଅସାଧ୍ୟକୁ ସାଧନ କରିହେବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉତ୍ତମ ଶିକ୍ଷାଲାଭ କରି ସମାଜ ଗଠନରେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ବିରଶ କୁମାରୀ ନାୟକ, ଡ. ଯାଜ୍ଞସେନୀ ରାଉତ, ସ୍ମିତାରାଣୀ ପ୍ରଧାନ, ପ୍ରସନ୍ନ କୁମାର ତ୍ରିପାଠୀ, ଗଦାଧର ପାଣି ଓ ସାଶ୍ୱତୀ ନନ୍ଦ ପ୍ରମୁଖ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସମ୍ପର୍କରେ କହିଥିଲେ। ଏହି ଅବସରରେ ଯୁକ୍ତ ୩ ସିନିୟର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଉଭୟ ସିନିୟର ଓ ଜୁନିୟର ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଶାନ୍ତ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କେଦାର ମୁଦୁଲି ସଭା ସଞ୍ଚାଳନ ଓ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରୀୟ ଯୋଜନାକୁ ନିଜର କହି ବିଭ୍ରାନ୍ତି କରୁଛନ୍ତି ରାଜ୍ୟ ସରକାର

# ରାଜ୍ୟପାଳଙ୍କୁ ଫେରାଦ ହେଲା ଭାଜପା

**ବିରିଡ଼ି,୨୭।୯(ଡି.ଏନ.ଏ.)**



କୁଜଙ୍ଗରେ ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାଜପା ନେତା ଓ କର୍ମୀ।

କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜର ବୋଲି କହି ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତି କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଓଡ଼ିଶା ସରକାର ନାମ ବଦଳାଇ 'ମୋ ଆବାସ' ବୋଲି ବିଜ୍ଞାପନ ଦେଉଛନ୍ତି। ଏହା ସଂଘୀୟ ବ୍ୟବସ୍ଥାରେ ରୁଗ୍ଣ ମାନସିକତା ଓ ସାଧାରଣ ଲୋକଙ୍କୁ ଭ୍ରମିତ କରିବାକୁ ଅପଚେଷ୍ଟା ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ପୂର୍ବରୁ କେନ୍ଦ୍ର ସରକାରଙ୍କ ୧୦୮ ଆମ୍ବୁଲାନ୍ସକୁ ରାଜ୍ୟ ସରକାର ନିଜସ୍ୱ ଲୋଗୋ ଲଗାଇ ଆତ୍ମପ୍ରଚାର କରୁଥିଲେ। ରାଜ୍ୟ ସରକାରଙ୍କ ଏଭଳି ନୀତିକୁ ବିରୋଧ କରି ବିରିଡ଼ି ଭାଜପା ପକ୍ଷରୁ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୁଦର୍ଶନ ପଣ୍ଡା, ବିଭୂତି ଭୂଷଣ ଭୂୟାଁ, ନରେଶ ଓଝା, ଅଜୟ ଭୋଇ, ସୁଜିତ ମହାନ୍ତି, ସରୋଜ କୁମାର ଭୂୟାଁ, କମଳାକାନ୍ତ ଦାସ, ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ସାହୁ, ସତ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**କୁଜଙ୍ଗ,(ସ୍ୱ.ପ୍ର):** କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜର ବୋଲି କହି ପ୍ରଚାର କରିବା ପ୍ରତିବାଦରେ କୁଜଙ୍ଗ ଭାଜପା ପକ୍ଷରୁ ବିଡିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। କୁଜଙ୍ଗ ମଣ୍ଡଳ ଭାଜପା ସଭାପତି ତପନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ରାହାମା ମଣ୍ଡଳ ସଭାପତି ନୃସିଂହ ଚୌଧୁରୀ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ, ଗଣ୍ଡକୀପୁର ସରପଞ୍ଚ ପ୍ରଦୀପ ପରିଡା, ଫତେପୁର ସରପଞ୍ଚ ସ୍ନେହମୟୀ ଲେଙ୍କା, କୋଠି ସମିତିସଭ୍ୟା ଅରକ୍ଷିତ ଦାସ, ଦେବେନ୍ଦ୍ର ସାହୁ, ଅଦୈତ ସ୍ୱାଇଁ, ଶ୍ରୀନିବାସ ସ୍ୱାଇଁ, ନିରଞ୍ଜନ ମହାନ୍ତି, ନରେନ୍ଦ୍ର ସେଠୀ, ବିନମ୍ର ସ୍ୱାଇଁ, ସଲିଳ ପ୍ରଧାନ, ଜଗବନ୍ଧୁ ନନ୍ଦ, ଶୁକଦେବ ନାୟକ ପ୍ରମୁଖ କୁଜଙ୍ଗ ବିଡିଓ କିଶୋର ଚନ୍ଦ୍ର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.):** ଭାଜପା ତରଫରୁ ଶୁକ୍ରବାର ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି। ତିର୍ତ୍ତୋଲର ଭାଜପା ନେତା ରମାକାନ୍ତ ଭୋଇ, ରଘୁନାଥପୁର ବ୍ଲକ ଭାଜପା ଜିଲାପରିଷଦ ପ୍ରାର୍ଥୀ ମାନସ ମହାପାତ୍ର, ତିର୍ତ୍ତୋଲ ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, ମହିଳା ମୋର୍ଚ୍ଚା ନେତ୍ରୀ ବିନ୍ଧ୍ୟବାସିନୀ ମହାନ୍ତି, ସୁଦୀପ୍ତ ନାଥ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରଞ୍ଜନ କୁମାର ପରିଡାକୁ ଏହି ଦାବିପତ୍ର ଦିଆଯାଇଥିଲା।

**ବାଲିକୁଦା,(ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ନିଜ ନାମରେ ପ୍ରଚାର କରି ବିଜେଡି ସରକାର ଲୋକଙ୍କୁ ଠକୁଛି ବୋଲି ଭାଜପା ନେତା ସଞ୍ଜୟ ମହାନ୍ତି ଅଭିଯୋଗ କରିଛନ୍ତି। ତାଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତାମାନେ ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏନେଇ ଏକ ଅଭିଯୋଗପତ୍ର ଦେଇଛନ୍ତି। ଏହି ସମୟରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ଜିଲା ଉପସଭାପତି ନିର୍ଲିପ୍ତ ଜେନା, ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ମଣ୍ଡଳ ସଭାପତି ପ୍ରଦୀପ୍ତ ରାୟ, ପ୍ରଶାନ୍ତ ଦାସ, ବୈକୁଣ୍ଠ ଜେନା, ଶଶିକାନ୍ତ ପରିଡା, ଟୁକୁନା ରାଉତ, ଦିଲୀପ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ସଂ. DRM/Engg/KUR/19-20/E-Tender/33&34 ତା.19.09.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender ESTATE-KUR-222-2019, ତା.16.09.2019ରିଖ
ବିବରଣୀ : ରେଳ ଡବା ମରାମତି କାରଖାନା / ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ମୂଳଭିତ୍ତିର ଉନ୍ନୟନ ଏବଂ ଏୟାର କମ୍ପ୍ରେସର ଏବଂ ଦୁଇ ଚକିଆ / ସାଇକେଲ ଷ୍ଟାଣ୍ଡ ନିମନ୍ତେ (12x8) ମିଟର ଆକାର ବିଶିଷ୍ଟ 02 ଗୋଟି କଭର ସେଡ଼ର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 169.53 ଲକ୍ଷ, EMD (ଟଙ୍କାରେ): 2,34,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 10 (ଦଶ) ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender CEN-KUR-223-2019, ତା.12.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନସ୍ଥ ଭୁବନେଶ୍ୱର କୋଚିଂ କମ୍ପ୍ଲେକ୍ସ ଏବଂ ମଞ୍ଚେଶ୍ୱର କାରଖାନା ଲାଇନ୍ ଠାରେ ଟ୍ରାକ୍‌ର ଉନ୍ନୟନ ନିମନ୍ତେ ଟ୍ରାକ୍ ଏବଂ ଟର୍ଣ୍ଣଆଉଟ୍‌ର ଡିପ୍ ସ୍କ୍ରିନିଙ୍ଗ୍, ସାଲୋ ସ୍କ୍ରିନିଙ୍ଗ, ଟ୍ରାକ୍‌ର ଲିଫ୍ଟିଙ୍ଗ୍ ଏବଂ ପ୍ୟାକିଙ୍ଗ, ରେଲ୍ ଏବଂ ସ୍ଲିପରଗୁଡ଼ିକର କାଜୁଆଲ୍ ନବୀକରଣ, ରେଲ୍ ଜଏଣ୍ଟ ଇତ୍ୟାଦିଗୁଡ଼ିକର ୱେଲ୍ଡିଙ୍ଗ୍ ଭଳି ବିବିଧ P.Way କାର୍ଯ୍ୟ ସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 116.85 ଲକ୍ଷ, EMD (ଟଙ୍କାରେ): 2,08,400/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 12 (ବାର) ମାସ ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender EAST-KUR-224-2019, ତା.10.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I /କଟକ ଅଧୀନରେ ସିନିୟର ସେକ୍ସନ ଇଂଜିନିୟର / DSD / କଟକ ଠାରେ ବାହାରୁ ଆସୁଥିବା ସାମଗ୍ରୀଗୁଡ଼ିକର ଖଲାସ, ବଳକା ଅଣ-ଗତିଶୀଳ (Non-moving) ସାମଗ୍ରୀଗୁଡ଼ିକର ଲିଡିଙ୍ଗ୍ (Leading) ଏବଂ ଗଦାମାରିବା, ଜଙ୍ଗଲ ସଫେଇ ଇତ୍ୟାଦି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 35.42 ଲକ୍ଷ, EMD (ଟଙ୍କାରେ): 70,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 36 (ଛତିଶ) ମାସ ।

(4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender CENT-KUR-225-2019, ତା.12.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଢେଙ୍କାନାଳ ପରିସୀମା ଅଧୀନରେ BCM କାର୍ଯ୍ୟ ପ୍ରକ୍ରିୟା ସହିତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନା ଏବଂ ଅନ୍ୟ ବିବିଧ କାର୍ଯ୍ୟ ତଥା ଅନ୍ୟ P.Way ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 133.40 ଲକ୍ଷ, EMD (ଟଙ୍କାରେ): 2,16,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 12 (ବାର) ମାସ ।

(5) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-226-2019, ତା.17.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ କେନ୍ଦୁଝରଗଡ଼ - ସୀତାବିଞ୍ଜ ମଧ୍ୟରେ 17.30 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 204.96 ଲକ୍ଷ, EMD (ଟଙ୍କାରେ): 2,52,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 08 (ଆଠ) ମାସ ।

(6) ଟେଣ୍ଡର ବିଜ୍ଞପ୍ତି ସଂ. e-Tender CENT-KUR-227-2019, ତା.13.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନସ୍ଥ ମଞ୍ଚେଶ୍ୱର କାରଖାନା ଠାରେ କ୍ଷତିଗ୍ରସ୍ତ ଟ୍ରାଭର୍ସ (Traverse) ଲାଇନ୍ ନଂ.1 ଏବଂ 2 ର ମରାମତି ଏବଂ ଭୁବନେଶ୍ୱର ଠାରେ କ୍ଷତିଗ୍ରସ୍ତ ୱାସେବୁଲ ଆପ୍ରୋନ୍ ମାର୍ଗ ନଂ.3 ର ବିବିଧ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 54.94 ଲକ୍ଷ, EMD (ଟଙ୍କାରେ): 1,09,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

(7) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-228-2019, ତା.17.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ ଠାରୁ ଜେନାପୁର ଏବଂ ସୁକିନ୍ଦା ରୋଡ଼ ଠାରୁ ଟମ୍‌କା ଷ୍ଟେସନ ପର୍ଯ୍ୟନ୍ତ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ନବୀକରଣ ଏବଂ ପ୍ରସ୍ତାବିତ ବିବିଧ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 156.40 ଲକ୍ଷ, EMD (ଟଙ୍କାରେ): 2,28,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 10 (ଦଶ) ମାସ ।

(8) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-229-2019, ତା.17.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କପାଳି ରୋଡ଼ (PH), ଦୁଲାଖାପାଟଣା (PH), ବ୍ରାହ୍ମଣୀ (PH) ଏବଂ ସୁକିନ୍ଦା ରୋଡ଼ ଷ୍ଟେସନଗୁଡ଼ିକ ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍ (FOB) ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 815.58 ଲକ୍ଷ, EMD (ଟଙ୍କାରେ): 5,57,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 12 (ବାର) ମାସ ।

(9) ଟେଣ୍ଡର ବିଜ୍ଞପ୍ତି ସଂ. e-Tender CENT-KUR-230-2019, ତା.16.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାରଙ୍ଗ-ରାଜାଆଠଗଡ଼ ସେକ୍ସନରେ ଦୋହରୀକରଣ କାର୍ଯ୍ୟ ଅବସରରେ RVNL ଦ୍ୱାରା ନିର୍ମିତ ବ୍ରିଜ୍ ନଂ.22UP (ମହାନଦୀ)ରେ ସେକ୍ସନାଲ ସ୍ପିଡ୍ (Sectional Speed)ର କୋହଳ ଗତିଜନିତ କଟକଣା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37.35 ଲକ୍ଷ, EMD (ଟଙ୍କାରେ): 74,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 06 (ଛଅ) ମାସ ।

(10) ଟେଣ୍ଡର ବିଜ୍ଞପ୍ତି ସଂ. e-Tender EAST-KUR-231-2019, ତା.17.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଧାନମଣ୍ଡଳ ଅଧୀନରେ ଜେନାପୁର-ନିର୍ଗୁଣ୍ଡି ସେକ୍ସନରେ କି.ମି.353.80 ଠାରୁ କି.ମି.399.20 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 116.51 ଲକ୍ଷ, EMD (ଟଙ୍କାରେ): 2,08,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 30.09.2020

(11) ଟେଣ୍ଡର ବିଜ୍ଞପ୍ତି ସଂ. e-Tender EAST-KUR-232-2019, ତା.17.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କନ୍ଦରପୁର ପରିସୀମା ଅଧୀନରେ କଟକ-ଗୋରଖନାଥ ସେକ୍ସନରେ କି.ମି. 409.70 ଠାରୁ କି.ମି. 447.90 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 112.38 ଲକ୍ଷ, EMD (ଟଙ୍କାରେ): 2,06,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 30.09.2020

(12) ଟେଣ୍ଡର ବିଜ୍ଞପ୍ତି ସଂ. e-Tender EAST-KUR-233-2019, ତା.17.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / ଗୋରଖନାଥ ପରିସୀମା ଅଧୀନରେ ରଘୁନାଥପୁର-ପାରାଦ୍ୱୀପ ସେକ୍ସନରେ କି.ମି. 447.90 ଠାରୁ କି.ମି. 491.66 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 113.76 ଲକ୍ଷ, EMD (ଟଙ୍କାରେ): 2,06,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 30.09.2020

(13) ଟେଣ୍ଡର ବିଜ୍ଞପ୍ତି ସଂ. e-Tender CENT-KUR-235-2019, ତା.17.09.2019ରିଖ
ବିବରଣୀ : ବର୍ତ୍ତମାନର ଫୁଟ୍ ଓଭର ବ୍ରିଜ୍ (FOB)କୁ ଭାଙ୍ଗି ଭୁବନେଶ୍ୱର ଷ୍ଟେସନର କଟକ ସୀମା ପଟରେ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବା 6.0 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 528.47 ଲକ୍ଷ, EMD (ଟଙ୍କାରେ): 4,14,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 07 (ସାତ) ମାସ ।

(14) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-237-2019, ତା.18.09.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଜୁରୀ ରୋଡ଼-ବୈତରଣୀ ରୋଡ଼ ଷ୍ଟେସନ ମଧ୍ୟରେ ବ୍ରିଜ୍ ନଂ. 391 (DN) ରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଙ୍ଗଗୁଡ଼ିକ ସହିତ 'H' ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 1155 ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 271.17 ଲକ୍ଷ, EMD (ଟଙ୍କାରେ): 2,85,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 08 (ଆଠ) ମାସ ।

(15) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-234-2019, ତା.17.09.2019ରିଖ
ବିବରଣୀ : 03 (ତିନି) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (HQ) / ଖୋର୍ଦ୍ଧା ରୋଡ଼ଙ୍କ ନିମନ୍ତେ ଗୋଟିଏ ହିସାବରେ ପ୍ରସ୍ତାବିତ 01 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ବୋଲେରୋ) ଭଡ଼ା ସୂତ୍ରରେ ନେବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 13.47 ଲକ୍ଷ, EMD (ଟଙ୍କାରେ) : 27,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 (ଛତିଶ) ମାସ ।

(16) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-236-2019, ତା.17.09.2019ରିଖ
ବିବରଣୀ : 21 (ଏକୋଇଶି) ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଟ୍ରାକ୍ / ଖୋର୍ଦ୍ଧା ରୋଡ଼ଙ୍କ ନିମନ୍ତେ ଗୋଟିଏ ଏବଂ 15 (ପନ୍ଦର) ମାସ ଅବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟେଲମେଣ୍ଟ / ଖୋର୍ଦ୍ଧା ରୋଡ଼ଙ୍କ ନିମନ୍ତେ ଗୋଟିଏ ହିସାବରେ ପ୍ରସ୍ତାବିତ 02 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ବୋଲେରୋ) ଭଡ଼ା ସୂତ୍ରରେ ନେବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 13.80 ଲକ୍ଷ, EMD (ଟଙ୍କାରେ) : 27,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 21 (ଏକୋଇଶି) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.10.2019 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-395/K/19-20

## ସଂକ୍ଷେପରେ



### ୩୦ ଖଣ୍ଡ ଶାଗୁଆନ ଗଣ୍ଡି ଜବତ

**ଦଶପଲ୍ଲା, ୨୭।୯(ଡି.ଏନ୍.ଏ.)-** ଦଶପଲ୍ଲା ବ୍ଲକର ପୃଥକ୍ ପୃଥକ୍ ସ୍ଥାନରେ ଶୁକ୍ରବାର ଦଶପଲ୍ଲା ବନବିଭାଗ ତରଫରୁ ଚଢ଼ାଉ କରାଯାଇ ୩୦ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଜବତ କରାଯାଇଛି। ମହୁଲିଆ ଗ୍ରାମ ନିକଟସ୍ଥ ଆମ୍ବ ତୋଟାରୁ ୨ ଖଣ୍ଡ ଶାଗୁଆନ ଗଣ୍ଡି ଜବତ କରାଯାଇଥିବାବେଳେ ପୁରୁଣା ଦଶପଲ୍ଲା ଅରାସାହି ନିକଟସ୍ଥ ନଦୀ ପାର୍ଶ୍ୱରୁ ୨୮ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଜବତ ହୋଇଛି। କାଠଗୁଡ଼ିକ ବାହାରକୁ ଚାଲାଣ ହେବା ଉଦ୍ଦେଶ୍ୟରେ ରଖାଯାଉଥିବାବେଳେ ଫରେଷ୍ଟର ବକୁଲ ସାହୁ ଏବଂ ଫରେଷ୍ଟଗାର୍ଡ଼ ସନ୍ତୋଷ ଦୋରା ପ୍ରମୁଖ ଚଢ଼ାଉ କରି ତାହାକୁ ଜବତ କରିଥିଲେ। ଜବତ କାଠର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

### କାଠଚୋରି ଅଭିଯୋଗରେ ୪ ଜେଲ ଗଲେ

**ରଣପୁର, ୨୭।୯(ସ୍ୱ.ପ୍ର.)-** ଶାଗୁଆନ କାଠ ଚୋରି ଅଭିଯୋଗରେ ଟାଙ୍ଗୀ ରେଞ୍ଜ ବନବିଭାଗ କର୍ମଚାରୀମାନେ ନୟାଗଡ ଜିଲା ରଣପୁର ବ୍ଲକ ଅର୍ଜୁନପୁରର ରବି ପରିଡା(୫୨), ସୁକାନ୍ତ ବେହେରା(୪୨), ଅର୍ଜୁନ ବେହେରା(୪୧), କୈଳାଶ ବେହେରା(୩୭)ଙ୍କୁ ଗିରଫ କରିଛନ୍ତି। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ୪ ଅଭିଯୁକ୍ତଙ୍କୁ ରଣପୁର ସବଜେଲକୁ ପଠାଇ ଦିଆ ଯାଇଛି । ଧାନି ସଂରକ୍ଷିତ ଜଙ୍ଗଲରୁ ପାୟ ୨୦ରୁ ଊର୍ଦ୍ଧ୍ୱ ଶାଗୁଆନ ଗଛକୁ ଅର୍ଜୁନପୁରର ସମ୍ପୃକ୍ତ ୪ଜଣ କାଟିଥିଲେ । ଖବର ପାଇ ଟାଙ୍ଗୀ ଫରେଷ୍ଟର ସୁଦର୍ଶନ ଜେନା ଓ ଗାର୍ଡ ପ୍ରଦୀପ କୁମାର ସାହୁ ଚଢ଼ାଉ କରି ୨୦ ଲଗ ଶାଗୁଆନ କାଠ ଜବତ କରିବା ସହ ୬୮, ୬୯, ୭୦ ଓ ୭୧/୧୯ରେ ୪ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

### ବିଶ୍ୱ ପର୍ଯ୍ୟଟନ ଦିବସ

**ପୁରୀ ଅଫିସ, ୨୭।୯:** ରୋଟାରୀ କ୍ଲବ ଏବଂ ଚକ୍ରତୀର୍ଥ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ରବିନାରାୟଣ ମିଶ୍ରଙ୍କ ନେତୃତ୍ୱରେ ବିଏନ୍‌ଆର ହୋଟେଲ ଛକରେ ପର୍ଯ୍ୟଟକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାନ ଭାରତୀୟ ପରମ୍ପରା ଅତିଥି ଦେବୋ ଭବ ଆଧାରରେ ପୁରୀକୁ ଆସିଥିବା ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କୁ ଗୋଲାପ ଫୁଲ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏଥିସହ ସହରକୁ ପଲିଥିନମୁକ୍ତ ରଖିବା ଦିଗରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ପର୍ଯ୍ୟଟକଙ୍କୁ ମାଗଣାରେ ନନ୍ ପଲିଥିନ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ଏଥିରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ।

■ ମଣ୍ଡଳ ସ୍ତରୀୟ ଜନଶୁଣାଣି ଶିବିର ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ

# ମୃତକଙ୍କ ନାମରେ ଭତ୍ତା ଉଠାଣ

**ଓଡ଼ଗାଁ, ୨୭।୯(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବ୍ଲକ ସମ୍ମିଳନୀ ଗୃହରେ ଶୁକ୍ରବାର ମଣ୍ଡଳ ସ୍ତରୀୟ ଜନ ଶୁଣାଣୀ ଶିବିର ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିବହନ ଅଧିକାରୀ ତଥା ଭାରପ୍ରାପ୍ତ ଉପଜିଲାପାଳ ପ୍ରିତମ୍ ପ୍ରୀତିମୟଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ, ବିଡିଓ ସ୍ୱାତିଲେଖା ଦାଶ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ମଲ୍ଲିକ, ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ବ୍ଲକ ସାମାଜିକ ସମୀକ୍ଷକ ପ୍ରକାଶ ଚନ୍ଦ୍ର ବଳିଆରସିଂ, ବ୍ଲକ କାର୍ଯ୍ୟକାରୀ ଅଧିକାରୀ ମିଟନ କୁମାର ମହାପାତ୍ର ମଞ୍ଚାସୀନ ଥିଲେ । ଚଳିତ ଆର୍ଥିକ ବର୍ଷରେ ଏହି ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୮୮୭୦



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ପରିବହନ ଅଧିକାରୀ, ବ୍ଲକ ଅଧ୍ୟକ୍ଷା ଓ ବିଭାଗୀୟ ଅଧିକାରୀମାନେ ।

ପରିବାରଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିବା ବେଳେ ୬ ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ସୂଚନା ଦିଆଯାଇଥିଲା । ସେହିପରି ଏହି ଯୋଜନାରେ ଜଳ ଅମଳ ଓ ସଂରକ୍ଷଣ, ପୁରାତନ ପୁଷ୍କରଣୀ ଖନନ, ଅଙ୍ଗନୱାଡି କେନ୍ଦ୍ର, ଖେଳ ପଡିଆ, ରାସ୍ତା ସଂଯୋଗୀକରଣ, ନୂତନ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ଅନୁମୋଦନ ମିଳିଥିବା ବେଳେ ଏଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପୁଷ୍କରଣୀ ଖନନ ୧, ଅଙ୍ଗନୱାଡି ୪, ବ୍ୟକ୍ତିଗତ ପ୍ରକଳ୍ପ ୫୪୪ ଓ ନୂତନ ପଞ୍ଚାୟତ ଗୃହ ୧୨ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଇଛି । ଅନ୍ୟପକ୍ଷେ ଜିଲା ସାମାଜିକ ସମୀକ୍ଷକଙ୍କ ସୂଚନା ଅନୁସାରେ ଅଧିକାଂଶ ପଞ୍ଚାୟତରେ ମଞ୍ଜୁରୀ ଅନୁଦାନ ତୁଳନାରେ ଖର୍ଚ୍ଚ ପରିମାଣ ଅଧିକ ରହିଥିବା ବେଳେ ପ୍ରାୟତଃ ମାଷ୍ଟର ରୋଲ ପ୍ରସ୍ତୁତିରେ ବହୁ ଅନିୟମିତତା ରହିଛି । ଏପରିକି ଗୋଟିଏ କାମ ନିମନ୍ତେ ଦୁଇ ଥର ଲେଖାଏଁ ପେମେଣ୍ଟ କରାଯାଇଛି । ରୋଜଗାର ଦିବସ ପାଳନ କରାଯାଉନଥିବା ମଧ୍ୟ ସେ ସୂଚନା ଦେଇଥିଲେ । ଏହା ସହିତ ଏହି ଯୋଜନା ଓ ସମୀକ୍ଷା ବୈଠକରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଥିବା ବେଳେ ବହୁ ପଞ୍ଚାୟତରେ ହିତାଧିକାରୀଙ୍କ ମୃତ୍ୟୁ ପରେ ମଧ୍ୟ ଭତ୍ତା ପ୍ରଦାନ କରାଯାଇଥିବାରୁ ଏନେଇ ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ଆର୍ଥିକ ଦଣ୍ଡ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଥିଲେ । ଏଥି ନିମନ୍ତେ ସବୁ ସ୍ତରରେ ସତର୍କତା ଅବଲମ୍ବନ କରିବାକୁ ଉପଜିଲାପାଳ ପ୍ରୀତିମୟ ଚେତାବନୀ ଦେଇଥିଲେ । ଏହି ଶିବିରରେ ନିର୍ବାଚିତ ପ୍ରତିନିଧି, ଗ୍ରାମ ସମ୍ବଳ ସମୀକ୍ଷକ, ଉଦ୍ୟାନ, ମତ୍ସ୍ୟ ବିଭାଗୀୟ ପ୍ରତିନିଧିଙ୍କ ସମେତ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା, ମେଡିକାଲ ଅଫିସର ଡାକ୍ତର ବଳରାମ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଡଷ୍ଟର ମାଡ଼ରେ ଛାତ୍ର ଆହତ ଘଟଣା: ଶିକ୍ଷକ ନିଲମ୍ବିତ

**ଦଶପଲ୍ଲା, ୨୭।୯(ଡି.ଏନ୍.ଏ.)**

ଦଶପଲା ବ୍ଲକ ଅନ୍ତର୍ଗତ ଖମାରସାହି, ନୋଡ଼ାଲ ହାଇସ୍କୁଲରେ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ର ଆହତ ଘଟଣାରେ ସମ୍ପୃକ୍ତ ଗଣିତ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ନିଲମ୍ବିତ ହୋଇଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ଖମାର ସାହି ହାଇସ୍କୁଲରୁ କର୍ତ୍ତବ୍ୟରେ ଅବହେଳା ଓ ଦାୟିତ୍ୱହୀନତା ଦର୍ଶାଇ ଶିକ୍ଷାଦାନରୁ ଅପସାରଣ କରାଯାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିବା ଜଣାଯାଇଛି।

ପ୍ରକାଶ ଥାଉକି, ଗତ ୧୯ ତାରିଖ ଦିନ ବିଦ୍ୟାଳୟରେ ଗଣିତ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ର ରଶ୍ମୀରଞ୍ଜନ ବେହେରା ଆହତ ହୋଇଥିଲେ। ତାଙ୍କ ପଞ୍ଜରା ହାଡ଼ ଭାଙ୍ଗିଯାଇ ଥିଲା। ଏ ସମ୍ପର୍କରେ ପରିବାର ପକ୍ଷରୁ ଦଶପଲ୍ଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ୧୧୪/୧୯ରେ ଏକ ମକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ଜଣାଯାଇଛି।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ଖଣ୍ଡପଡା, ୨୭।୯(ସ୍ୱ.ପ୍ର.)**

ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଏକ ବ୍ଲକ ସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଚନ୍ଦନ କୁମାର ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପରୀକ୍ଷାରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସମସ୍ତ ଛାତ୍ରୀଛାତ୍ର ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ସମାଜରେ ଜଣେ ଭଲ ମଣିଷ ହୋଇ ଦେଶ ମାତୃକାର ସେବା କରିବା ପାଇଁ ଆଗଭର ହୁଅନ୍ତୁ ବୋଲି ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପରାମର୍ଶ ଦେଇଥିଲେ । ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଯୋଗୀତା ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

ନବାଗତ ଛାତ୍ରୀଛାତ୍ର ଓ ବିଧାୟକଙ୍କ ସ୍ୱାଗତ ଉତ୍ସବ

# ଶୃଙ୍ଖଳା, ସମୟାନୁବର୍ତ୍ତିତା ଛାତ୍ର ଜୀବନର ଧର୍ମ



ସ୍ୱାଗତ ଉତ୍ସବରେ ଯୋଗ ଦେଇଥିବା ଅତିଥି ଗଣ

**ନୂଆଗା, ୨୭।୯(ଡି.ଏନ୍.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ମହାବିଦ୍ୟାଳୟରେ ଦଶପଲା ବିଧାୟକ ଓ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ସମସ୍ତ ଦିଗ ପ୍ରତି ଆଲୋକପାତ କରିଥିଲେ । ପ୍ରତି ଛାତ୍ରୀଛାତ୍ରଙ୍କ ମନରେ ଶୃଙ୍ଖଳାଭାବ ଓ ସମୟାନୁବର୍ତ୍ତିତା ରହିଲେ ସେ ଜୀବନରେ ସଫଳ ହୋଇ ପାରିବ ବୋଲି ମୁଖ୍ୟ ଅତିଥି ବେହେରା ନିଜ ଅଭିଭାଷଣରେ କହିଥିଲେ । ମୁଖ୍ୟ ଅତିଥି ବିଧାୟକ ଓ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ଯୋଗଦେଇ ସଫଳତା ପାଇବାକୁ ହେଲେ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କିଛି ଛାତ୍ରୀଛାତ୍ର କଲେଜ ମଧ୍ୟରେ ଥିବା ପାନୀୟ ଜଳ, ପାଚେରୀ ଓ ସାଇକେଲ ଷ୍ଟାଣ୍ଡର ସମସ୍ୟା ବିଷୟରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏହି ସମସ୍ୟା ଖୁବ ଶିଘ୍ର ଦୂର କରିବା ପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ , ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳୀ ସାହୁ , ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ , ପୂର୍ବତନ ବ୍ଲକ ଚେୟାରମ୍ୟାନ ବିଜୟ କୁମାର ଶାସମଲ , ସମାଜସେବୀ ଗୋପବନ୍ଧୁ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ସିଂହଦ୍ୱାର ନିକଟରୁ ଭିକାରି ମୁକ୍ତ ଅଭିଯାନ ଆରମ୍ଭ

**ପୁରୀ ଅଫିସ, ୨୭।୯**

ଶ୍ରୀମନ୍ଦିର ସୁରକ୍ଷା ଲାଗି ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମେଘନାଦ ପାଚେରିରୁ ୭୫ମିଟର ପରିଧିରେ ଆସୁଥିବା କୋଠା, ମଠ ଉଚ୍ଛେଦ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ସିଂହଦ୍ୱାର ନିକଟରେ ବସି ରହୁଥିବା ଭିକାରୀମାନଙ୍କୁ ଉଚ୍ଛେଦ କରାଯିବା ନେଇ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଠାରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶା ପତିତା ଉଦ୍ଧାର ସମିତି ଏହାର ଦାୟିତ୍ୱରେ ରହିଛି। ଶୁକ୍ରବାର ସମିତିର ସମ୍ପାଦିକା ଆଭାରାଣୀ ଚୌଧୁରୀଙ୍କ ନେତୃତ୍ୱରେ ଆଶ୍ରୟ ସ୍ଥଳ ମ୍ୟାନେଜର ରଞ୍ଜିତ ସାହୁ ଏବଂ ଟିମ୍ ପ୍ରଥମ ପର୍ଯ୍ୟାୟରେ ୭ଜଣଙ୍କୁ ଉଦ୍ଧାର କରିଛନ୍ତି। ଏମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସର୍ବୋଦୟ ନଗର ସ୍ଥିତ ସହରାଞ୍ଚଳ ଆଶ୍ରୟ ସ୍ଥଳରେ ରଖାଯାଇଛି। ସିଂହଦ୍ୱାର ନିକଟରୁ ସମ୍ପୂର୍ଣ୍ଣ ଭାବେ ଭିକାରୀ ମୁକ୍ତ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ସମିତି ସମ୍ପାଦିକା ଚୌଧୁରୀ ଗଣମାଧ୍ୟମକୁ କହିଛନ୍ତି। ପ୍ରଥମ ଦିନ ଉଦ୍ଧାର ବେଳେ ଜଣେ ବୃଦ୍ଧ ଭୀଷଣ ଜ୍ୱରରେ କମ୍ପୁଥିଲେ। ଏହି ସମୟରେ ଆଶ୍ରୟ ସ୍ଥଳ ମ୍ୟାନେଜର ସାହୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଆଶ୍ରୟ ସ୍ଥଳକୁ ନେଇଥିଲେ।

■ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ୩୦୦ ଛାତ୍ରୀ ନେଲେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ଖଣ୍ଡପଡା, ୨୭।୯(ସ୍ୱ.ପ୍ର.)**

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ପରିସରରେ ଶୁକ୍ରବାର ମହିଳା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ରାଜ୍ୟ ଯୁବ ନୀତି ୨୦୧୩ ଦ୍ୱାରା ପ୍ରାୟୋଜିତ ଏକ ୧୨ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗତ ୧୬ ତାରିଖ ଠାରୁ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷା ମେଜର ମଞ୍ଜୁଶ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ଭାପୁର ତହସିଲଦାର ଡା. ସୁନୀତା ଜେନା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମହିଳା ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମର କୋଅର୍ଡିନେଟର ଅଧାପିକା ନିବେଦିତା ସାହୁ, ଅଧାପିକା ମାନସୀ ଦ୍ୱାରୀ, ଅଧାପକ ଡ. ପବିତ୍ର କୁମାର ସୁବୁଦ୍ଧି ଓ ସୁମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ସମାଜରେ ଝିଅମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ସ୍ଥାନରେ ଘଟୁଥିବା ଅପରାଧ ଘଟଣାରେ ବିଶେଷ


ଦୁଇଜଣ ପ୍ରଶିକ୍ଷିକା ଆତ୍ମକୌଶଳ ଡେମୋ ପ୍ରଦର୍ଶନ କରୁଛନ୍ତି ।

ଭାବରେ ଛାତ୍ରୀ, ମହିଳା ତଥା ଯୁବତୀମାନେ ଅଧିକ ଭାବେ ଅପରାଧୀମାନଙ୍କ ଦୌରାତ୍ମ୍ୟର ଶିକାର ହେଉଛନ୍ତି। ତେଣୁ ସେମାନେ ନିଜେ ଆତ୍ମ ସୁରକ୍ଷାର କୌଶଳ ଶିକ୍ଷା ଲାଭ କରିପାରିଲେ ଅପରାଧୀଙ୍କୁ ସାହସର ସହିତ ମୁକାବିଲା କରି ପାରିବେ ବୋଲି ମତ ରଖିଥିଲେ । ଶିବିରରେ ଛାତ୍ରୀଙ୍କୁ ବିଭିନ୍ନ ଅସ୍ୱାଭାବିକ ପରିସ୍ଥିତିରେ ନିଜକୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ବିଭିନ୍ନ କୌଶଳ ମାନ ପ୍ରଶିକ୍ଷଣ ଦିଆଯାଇଥିଲା । ଉକ୍ତ ଶିବିରରେ ୩୦୦ ଜଣ ଛାତ୍ରୀଙ୍କୁ ୧୦ଟି ଗ୍ରୁପରେ ବିଭକ୍ତ କରାଯାଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନୀଳମାଧବ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ସ୍ୱାଗତିକା ସାହୁ ଓ ଶୁଭଶ୍ରୀ ସାହୁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ସୁରକ୍ଷା ନିଜେ କରିବା ପାଇଁ ଛାତ୍ରୀମାନଙ୍କୁ ତାଲିମ ଦେଇଥିବା ପ୍ରଶିକ୍ଷିକାଙ୍କ ସାହସିକତା ପାଇଁ ଅତିଥିମାନେ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧାପିକା ସରଳା ବେହେରା ଓ ଅଧାପିକା କଲ୍ୟାଣୀ ପଣ୍ଡା ପରିଚାଳନା କରିଥିବା ବେଳେ ଅଧାପକ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ଅତିଥିମାନେ ପ୍ରଥମେ ଶ୍ରୀନୀଳମାଧବ ଜୀଉଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନ ସ୍ୱାଗତ ଗୀତିକା ଗାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ୩ ଆଶ୍ରୟସ୍ଥଳରେ ରହିବେ ହବିଷିଆଳି

**ପୁରୀ ଅଫିସ, ୨୭।୯**

**ଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ରହିବ ହେଲ୍‌ପ ଡେସ୍କ**

ଅକ୍ଟୋବର ୧୪ରୁ ଆରମ୍ଭ ହେଉଛି ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳିବେ ହବିଷିଆଳି। ତେଣୁ ମାସେ ପର୍ଯ୍ୟନ୍ତ ହବିଷିଆଳିଙ୍କ ପୁରୀରେ ରହଣି ଲାଗି ବ୍ୟବସ୍ଥା କରାଯିବ। ସରକାରଙ୍କ ପକ୍ଷରୁ ନିର୍ମିତ ନୂତନ ହବିଷିଆଳୀ ଆଶ୍ରୟସ୍ଥଳ ସମେତ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ହବିଷିଆଳି ରହିବେ। ପ୍ରାୟ ୩,୦୦୦ ହବିଷିଆଳିଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ଶୁକ୍ରବାର ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ନରେନ୍ଦ୍ର କୋଣଠାରେ ନିର୍ମାଣାଧୀନ ହବିଷିଆଳି ଆଶ୍ରୟସ୍ଥଳରେ ୧୬୦୦, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୯୦୦ ଏବଂ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ୬୦୦ ହବିଷିଆଳିଙ୍କୁ ରଖିବା ଲାଗି ପ୍ରାଥମିକ ଭାବେ ନିଷ୍ପତ୍ତି ହୋଇଛି। ଯଦି ଏହାଠାରୁ ଅଧିକ ନାମ ପଞ୍ଜୀକରଣ ହୁଏ ତେବେ ସେମାନଙ୍କୁ ରଖିବା ଲାଗି ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି ।

ନାମ ପଞ୍ଜୀକରଣ ଲାଗି ସବୁ ଜିଲାକୁ ଚିଠି କରାଯିବ। ଆସନ୍ତା ସୋମବାରଠାରୁ ହବିଷିଆଳିମାନେ ନାମ ପଞ୍ଜୀକରଣ କରିବେ। ତେବେ ହବିଷିଆଳିଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯିବ। ରେଳ ଷ୍ଟେଶନ ଏବଂ ବସ୍ ଷ୍ଟାଣ୍ଡରେ ହେଲ୍‌ପ ଡେସ୍କ ଖୋଲାଯିବ। କେଉଁ ସ୍ଥାନରେ କେଉଁ ଜିଲାର ହବିଷିଆଳି ରହିବେ ତାହା ହେଲ୍‌ପ ଡେସ୍କ ପକ୍ଷରୁ ଜଣାଇ ଦିଆଯିବ। ହବିଷିଆଳିଙ୍କ ନିରାପଦ ସ୍ନାନ ଲାଗି ନରେନ୍ଦ୍ର ପୁଷ୍କରିଣୀରେ ଲାଇଫଗାର୍ଡ, ଅଗ୍ନିଶମ କର୍ମଚାରୀ ମୁତୟନ ହେବେ। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯିବା ଲାଗି ବ୍ୟବସ୍ଥା କରାଯିବ। ହବିଷିଆଳି ରହୁଥିବା ସ୍ଥାନରେ ସନ୍ଧ୍ୟାରେ ଭଜନ, ପାଲା, ପ୍ରବଚନ, ଭାଗବତ ପାଠ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଦୋକାନ ଘର ଖାଲି କରିବାକୁ ନୋଟିସ୍

**ପୁରୀ ଅଫିସ, ୨୭।୯**

ଅସୁରକ୍ଷିତ ହୋଇପଡ଼ିଛି ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ। ତେଣୁ ଏହାକୁ ଭଙ୍ଗାଯାଇ ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିଲାଗି ପୌରସଂସ୍ଥା ପକ୍ଷରୁ ଦୋକାନ ଘରଗୁଡ଼ିକ ଖାଲି କରାଯିବାକୁ ଶୁକ୍ରବାର ନୋଟିସ୍ କରାଯାଇଛି। ଆସନ୍ତା ମାସ ୪ ତାରିଖ ସୁଦ୍ଧା ଦୋକାନ ଘର ଖାଲି କରିବା ଲାଗି ନୋଟିସ୍‌ରେ କୁହାଯାଇଛି।

ପୁରୀର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଅନେକ ଦୋକାନ ଉଚ୍ଛେଦ କରାଯାଇଛି। ଏମାନଙ୍କୁ ଥଇଥାନ କରିବା ଲାଗି ବିଭିନ୍ନ ସ୍ଥାନରେ ନୂଆ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବ। ଅନ୍ୟପକ୍ଷରେ ମୋଚିସାହି ଛକଠାରେ ଥିବା ମ୍ୟୁନିସିପାଲିଟିର ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଅସୁରକ୍ଷିତ ହୋଇପଡିଥିବାରୁ ଶୁକ୍ରବାର ସମ୍ପୃକ୍ତ ଦୋକାନୀମାନଙ୍କୁ ନୋଟିସ ଦିଆଯାଇଛି। ୪ ତାରିଖ ସୁଦ୍ଧା ଦୋକାନ ଘର ଖାଲି କରିବାକୁ ନୋଟିସରେ ଉଲ୍ଲେଖ ରହିଛି। ପୌରସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ଏକ ବୈଷୟିକ ଟିମ୍ ଏହି ମାର୍କେଟ କମ୍ପ୍ଲେକ୍ସ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ଅସୁରକ୍ଷିତ ବୋଲି ରିପୋର୍ଟ ଦେବା ପରେ ପୌରସଂସ୍ଥା ଏହି ନୋଟିସ କରିଛି। ଏଠାରେ ପ୍ରାୟ ୬୯ଟି ଦୋକାନ ରହିଥିବା ଜଣାପଡିଛି।

■ କେନ୍ଦ୍ରୀୟ ଯୋଜନାକୁ ନିଜର କହୁଛି ରାଜ୍ୟ ସରକାର

# ପ୍ରତିବାଦରେ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

**ଖଣ୍ଡପଡା ୨୭।୯(ସ୍ୱ.ପ୍ର.)**

କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିବା ସହ ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଅର୍ଥରେ ଯୋଜନାର ନାମ ବଦଳାଇ ନିଜସ୍ୱ ଯୋଜନା ବୋଲି କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ଖଣ୍ଡପଡା ଭାଜପା ସଦସ୍ୟମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି । ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଥିବା ବାସଗୃହଗୁଡ଼ିକୁ ବିଜୁ ପକ୍କାଘର ଯୋଜନାରେ ହେଉଛି ବୋଲି କହି ସାଧାରଣ ଜନତାଙ୍କୁ ଭୁଆଁ ବୁଲାଉଥିବା ବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧୦୮ ଆମ୍ବୁଲାନ୍ସ ଯୋଜନାକୁ ଏକଦା ରାଜ୍ୟ ସରକାର ହାଇଜାକ କରି ନିଜର ଲୋଗୋ ଲଗାଇଥିଲେ । ସେହିପରି ସୁକନ୍ୟା ସମୃଦ୍ଧି ଯୋଜନାକୁ ବଦଳାଇ ରାଜ୍ୟ ସରକାର ଝିଅ ପାଇଁ ଚିଠିଟିଏ ବୋଲି ପ୍ରଚାର କରି ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ଦେଇଥିବା ନେଇ ଭାଜପା କର୍ମୀମାନେ ଅଭିଯୋଗ କରି ଭାଜପା ସଂଗଠନର ସଦସ୍ୟମାନେ ଖଣ୍ଡପଡା ବ୍ଲକ ଓ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଭାଜପାର କର୍ମକର୍ତ୍ତା ଓ କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ପରିଶେଷରେ



ଦଶପଲ୍ଲାଠାରେ ଭାଜପାର ବିକ୍ଷୋଭ ଶୋଭାଯାତ୍ରା ।

ଭାଜପା ସଂଗଠନ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡା ବିଡିଓ ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

**ଦଶପଲ୍ଲା, (ଡି.ଏନ୍.ଏ.)**

ଦଶପଲ୍ଲା ଭାଜପା ମଣ୍ଡଳ ତରଫରୁ ଶୁକ୍ରବାର ଭାଜପା ଅର୍ଥରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜେଡି ନାମ ବଦଳାଇ ହଡ଼ପ କରିବା ଅଭିଯୋଗ କରି ଏକ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ନଗର ପରିକ୍ରମା କରି ବ୍ଲକ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲା ସଭାପତି ସନ୍ୟାସୀ ନାୟକ, କିଶୋର ଦଳବେହେରାଙ୍କ ସମେତ ବହୁ ବକ୍ତା ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ବଡ଼ବାବୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବହୁ ଭାଜପା କର୍ମୀ ଏହି ଶୋଭାଯାତ୍ରାରେ ସାମିଲ କରିଥିଲେ।

**ରଣପୁର,(ସ୍ୱ.ପ୍ର.)**

କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନା ବଦଳାଇବାର ପ୍ରତିବାଦ କରି ରଣପୁର ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରଣପୁର ବିଡିଓ ଓ ଏନଏସିର ନିର୍ବାହୀ ଅଧିକାରୀଙ୍କୁ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଭାଜପାର ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଜିଲା ଉପସଭାପତି ପରେଶ ଚନ୍ଦ୍ର ମିଶ୍ର, ରଣପୁର ଭାଇସ ଚେୟାରମ୍ୟାନ ପ୍ରଶାନ୍ତ କୁମାର ନାୟକ, ଜିଲା ମହିଳା ମୋର୍ଚ୍ଚାର ସଭାପତି ଅନୁସୟା ସାହୁ, ମହିଳା ନେତ୍ରୀ ସ୍ୱର୍ଣ୍ଣଲତା ପାତ୍ର, ଯୁବନେତା ରମେଶ ମହାପାତ୍ର, ସରପଞ୍ଚ ଗଜମଣ୍ଡ ସିଂଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଏଥିରେ ସାମିଲ ହୋଇଥିଲେ । ଅଭିଯୋଗ ଅନୁସାରେ ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଘରକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ନିର୍ମାଣ କରାଯାଉଛି ଦର୍ଶାଇ ଭ୍ରମିତ କରୁଛନ୍ତି । ୨୦୧୧ ଜନଗଣନା ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଉଁମାନେ ଘର ପାଇବେ ତାର ତାଲିକା ସ୍ଥାନୀୟ ପଞ୍ଚାୟତ ଅଧିକାରୀ ତଦାରଖ କରିବାର ନିୟମ ରହିଛି । ହେଲେ ନିୟମକୁ ଶିତଳଭଣ୍ଡାରକୁ ଫୋପାଡି ଦିଆ ଯାଇଛି ବୋଲି ଭାଜପା ଅଭିଯୋଗ କରିଛି।

